## ସଂକ୍ଷେପରେ

### ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

**କୋମନା, ୨୭।୫ (ସୋବିନ ଛତ୍ରିଆ):** ନୂଆପଡ଼ା ଜିଲା କୋମନା ବ୍ଲକ ଉଦ୍ୟାନବନ୍ଧଠାରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କୁରେଶ୍ୱର ଗ୍ରାମର ସୁରେନ ସାଗରିଆ (୩୭)। ସୂଚନା ଅନୁସାରେ ସୁରେନ ପ୍ରତିଦିନ ଭଳି ରବିବାର ସାଙ୍ଗମାନଙ୍କ ସହ କାମ କରିବାକୁ ଯାଇ ଫେରୁଥିଲେ। ଏହି ସମୟରେ ପଛପଟୁ ଏକ କାର୍ ଧକ୍କା ଦେଇ ଫେରାର ହୋଇଯାଇଥିଲା। ସୁରେନ ତଳେପଡି ଗୁରୁତର ହୋଇଥିଲେ। ତାଙ୍କ ମୁଣ୍ଡରେ ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା। ସଙ୍ଗେ ସଙ୍ଗେ ତାଙ୍କୁ କୋମନା ଡାକ୍ତରଖାନା ଓ ସେଠାରୁ ନୂଆପଡ଼ା ଜିଲା ଡାକ୍ତରଖାନାକୁ ନିଆଯାଇଥିଲା। ପରେ ରାୟପୁର ନିଆଯାଉଥିବା ସମୟରେ ମହାଶମୁନ୍ଦ ପାଖରେ ତାଙ୍କର ମୃତ୍ୟୁ ଘଟିଥିଲା। ସୁରେନଙ୍କ ସ୍ତ୍ରୀ, ୧୬ବର୍ଷର ପୁଅ ଓ ୧୨ ବର୍ଷର ଝିଅ ଅଛନ୍ତି। ଧକ୍କା ଦେଇଥିବା ଗାଡିକୁ ଧରିବାକୁ ଚେଷ୍ଟା କରୁଥିବା କୋମନା ଆଇଆଇସି କହିଛନ୍ତି। ସୁରେନ ଘରର ମୁଖିଆ ଥିବାରୁ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ଦାବି ହେଉଛି।

### ମାଟ୍ରିକ ପରୀକ୍ଷାରେ କୀର୍ତ୍ତିପ୍ରଜ୍ଞା ବ୍ଲକ ଟପ୍ପର

**କର୍ଲାମୁଣ୍ଡା, ୨୭।୫ (ପ୍ରଦୀପ କୁମାର ସାହୁ):** ମାଟ୍ରିକ ପରୀକ୍ଷାରେ କଳାହାଣ୍ଡି ଜିଲା



କର୍ଲାମୁଣ୍ଡା ବ୍ଲକ ମିଳିତ ପଞ୍ଚାୟତ ବିଦ୍ୟାପୀଠ ଜୋରାଡବରା ଛାତ୍ରୀ କୀର୍ତ୍ତିପ୍ରଜ୍ଞା ପାଢ଼ୀ ୫୦୪ ମାର୍କ ରଖି ବ୍ଲକ ଟପ୍ପର୍ ହୋଇଛନ୍ତି। ଏହି ବ୍ଲକରେ ମୋଟ ୬୨୨ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୬୦୬ ଜଣ କୃତକାର୍ଯ୍ୟ ହୋଇଥିବା ଜଣାପଡିଛି। ସେହିପରି ପ୍ରକାଶିତ ଯୁକ୍ତ ଦୁଇ ପରୀକ୍ଷାରେ ରିଷିଡା ଜଗନ୍ନାଥ କୋଶଲ୍ୟା ମହାବିଦ୍ୟାଳୟର ଛାତ୍ର ପୁରୁଷୋତ୍ତମ ବିଭାର ୫୧୭ ମାର୍କ ରଖି ବ୍ଲକ ଟପ୍ପର ହୋଇଥିବା ସୂଚନା ମିଳିଛି।

### କଳାରେ କଳାହାଣ୍ଡି ଟପ୍ପର ହେଲେ ସୋହାନୀ ଚଲାନ

**ଭବାନୀପାଟଣା, ୨୭।୫ (ଉତ୍ତମ କୁମାର ଦାଶ):** ଚଳିତ ବର୍ଷ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଓଡିଶା ଦ୍ୱାରା ପରିଚାଳିତ ଦ୍ୱାଦଶ ଶ୍ରେଣୀ ବାର୍ଷିକ ପରୀକ୍ଷା ଫଳ ପ୍ରକାଶିତ



ହୋଇଛି। ଏଥିରେ ଭବାନୀପାଟଣା ସରକାରୀ ମହିଳା ମହାବିଦ୍ୟାଳୟର କଳା ବିଭାଗ ଛାତ୍ରୀ ସୋହାନୀ ଚଲାନ ୯୦.୧୬ ପ୍ରତିଶତ ନମ୍ବର ରଖି କଳାହାଣ୍ଡି ଜିଲା ଟପ୍ପର ହେବା ସହ ଜିଲା ତଥା ମହାବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଏହି ମହାବିଦ୍ୟାଳୟର କଳା ବିଭାଗରେ ୧୯୯ ଜଣ ପରୀକ୍ଷା ଦେଇଥିବା ବେଳେ ୧୭୪ ଜଣ ଛାତ୍ରୀ କୃତିତ୍ୱ ହାସଲ କରିଛନ୍ତି। ସେଥିମଧ୍ୟରୁ ୪୮ ଛାତ୍ରୀ ପ୍ରଥମ, ୩୯ ଜଣ ଦ୍ୱିତୀୟ ଓ ୮୭ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ମହାବିଦ୍ୟାଳୟର ପାସ୍ ହାର ୮୭ ପ୍ରତିଶତ ହୋଇଥିବାରୁ ଅଧ୍ୟକ୍ଷ ଡ. ତ୍ରିଲୋଚନ ଜେନା ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଶୁଭେଚ୍ଛା ଜଣାଇଛନ୍ତି।

### ଷୋହଳପ୍ରହର ନାମଯଜ୍ଞ ଉପଲକ୍ଷେ କଳସଯାତ୍ରା

**ନୂଆପଡ଼ା, ୨୭।୫ (ମକାରୁ ବେମାଲ):** ନୂଆପଡ଼ା ଜିଲା କୋମନା ବ୍ଲକ ସିଆଲଲଟି ପଞ୍ଚାୟତ ବାଗମୁଣ୍ଡା ଗାଁରେ ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ପାଇଁ ରବିବାର କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଶତାଧିକ ମହିଳାପୁରୁଷ ସଂକୀର୍ତ୍ତନ ଦଳ ସହ କଳସ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରି ଯଜ୍ଞବେଦୀରେ ସ୍ଥାପନ କରିଥିଲେ। ପରେ ପୂଜା କାର୍ଯ୍ୟ ଆରମ୍ଭ ହୋଇ ସକାଳ ସାଢେ ନଅ ଟାରେ ନାମଧାରଣ ଅନୁଷ୍ଠିତ ହୋଇଥିଲା। ନାମଯଜ୍ଞରେ ନୂଆପଡ଼ା ଜିଲା ସମେତ ବରଗଡ, ବଲାଙ୍ଗୀର ଜିଲାରୁ ମୋଟ ୭ ଗୋଟି ସଂକୀର୍ତ୍ତନ ଦଳଅଂଶ ଗ୍ରହଣ କରିଛନ୍ତି। ଖେରା ମଟାରୀ ଓ ତାଙ୍କ ସ୍ତ୍ରୀ ଲଳିତା ମଟାରୀ କର୍ତ୍ତା ଦାୟିତ୍ୱ ତୁଲାଉ ଥିବାବେଳେ ପରମେଶ୍ୱର ଦୁବେ ଓ ଦାସ ମହାରାଜ ପୂଜା କାର୍ଯ୍ୟ ସମ୍ପାଦନା କରୁଛନ୍ତି। ଆସନ୍ତା ୨୯ରେ ପୂର୍ଣ୍ଣାହୁତି ହେବ। କାର୍ଯ୍ୟକ୍ରମରେ ଗ୍ରାମବାସୀ ସହଯୋଗ କରୁଛନ୍ତି।




ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ କୃତୀ ପରୀକ୍ଷାର୍ଥୀମାନେ।

# ପରିଶ୍ରମ ସଫଳତା ଦେଇଥାଏ

**କଳାହାଣ୍ଡି ଶିକ୍ଷା ବିଭାଗ ପକ୍ଷରୁ ୬ କୃତୀ ପରୀକ୍ଷାର୍ଥୀଙ୍କୁ ସମ୍ବର୍ଦ୍ଧନା**

**ଭବାନୀପାଟଣା, ୨୭।୫ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଶିକ୍ଷା ବିଭାଗ ପକ୍ଷରୁ ଚଳିତ ମାଟ୍ରିକ ସମ୍ମେଟିଭ-୨ ପରୀକ୍ଷା -୨୦୨୪ର ଶ୍ରେଷ୍ଠ ୬ କୃତୀ ପରୀକ୍ଷାର୍ଥୀଙ୍କୁ ଭବାନୀପାଟଣାସ୍ଥିତ ଜିଲା ଶିକ୍ଷା କାର୍ଯ୍ୟାଳୟରେ ସୋମବାର ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଚଳିତବର୍ଷ ଜିଲାର ପାସ୍ ହାର ୯୫.୮୬ ପ୍ରତିଶତ ରହିଛି। ସେମାନଙ୍କ ମଧ୍ୟରୁ ୬ଜଣ କୃତୀ ପରୀକ୍ଷାର୍ଥୀ ଏ ୧ ଗ୍ରେଡ୍‌ରେ ପାସ କରିଛନ୍ତି। ଏମାନଙ୍କୁ ଏକ ଭବ୍ୟ ଉତ୍ସବରେ ଜିଲାର ପ୍ରମୁଖ ଶିକ୍ଷାବିତ୍ ଓ ବରିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀ ସମ୍ବର୍ଦ୍ଧନା ଜଣାଇଥିଲେ। କୃତୀ ପରୀକ୍ଷାର୍ଥୀମାନେ ହେଲେ ଭବାନୀପାଟଣା ସଦର ବ୍ଲକ୍ ମେଦିନପୁର ପଞ୍ଚାୟତ ହାଇସ୍କୁଲର ଛାତ୍ର ଯତ୍ନରାଜ ସାହୁ, ଛାତ୍ରୀ ଜସ୍ମିନ ପଧାନ, ଖୁସୁବୁ ମେହେର, ଥୁଆମୂଳ ରାମପୁର ବ୍ଲକ ଗୋପାଳପୁର ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସୁପ୍ରଭା ନାଏକ, ଗୋଲାମୁଣ୍ଡା ବ୍ଲକ ବୃନ୍ଦାବାହାଲ ନୋ ହାଇସ୍କୁଲର ଛାତ୍ର ପ୍ରଭାସ ନାଏକ ଓ ଧର୍ମଗଡ଼ ବ୍ଲକ ସନ୍ଧିକୁଲିଆରୀ ହାଇସ୍କୁଲର ଛାତ୍ର ଚୁମନ୍ଲାଲ ବୁ। କଳହାଣ୍ଡି ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ଭବ୍ୟ ଉତ୍ସବରେ ପୌରୋହିତ୍ୟ କରିଥିଲେ ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାର। ଅନ୍ୟତମ ଅତିଥିମାନଙ୍କ ମଧ୍ୟରେ ଜିଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ସାହୁ ଓ ବରିଷ୍ଠ ଖବରଦାତା ସ୍ୱାଧୀନ ପାତ୍ର ଯୋଗଦେଇଥିଲେ। ସମସ୍ତ ଅତିଥି ବକ୍ତବ୍ୟ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ନିଜର ଏହି ସଫଳତା ବଜାୟ ରଖିବାକୁ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଜିଲା ଶିକ୍ଷା ଅଧିକାରୀ ଚୋପଦାର ସଫଳତା ପାଇଁ କଠିନ ପରିଶ୍ରମ ଅତ୍ୟନ୍ତ ଜରୁରୀ ଓ ପରିଶ୍ରମ ହିଁ ସବୁ ସଫଳତା ଦେଇଥାଏ ବୋଲି ନିଜ ବକ୍ତବ୍ୟରେ କହିଥିଲେ। ସେହିପରି ୬ କୃତୀ ଛାତ୍ରୀଛାତ୍ର ସଫଳତାର କାହାଣୀ ନିଜ ମୁହଁରେ କହିଥିଲେ। ସେମାନେ ସେମାନଙ୍କ ମାତାପିତା, ଶିକ୍ଷୟିତ୍ରୀଶିକ୍ଷକ ତଥା ନିଜ ପରିଶ୍ରମକୁ ସଫଳତାର ଶ୍ରେୟ ପ୍ରଦାନ କରିଥିଲେ। ଏଥିରେ କୃତୀ ଛାତ୍ରୀଛାତ୍ରଙ୍କ ମାତାପିତା ଉପସ୍ଥିତ ଥିଲେ। ଶେଷରେ ଜିଲା ବିଜ୍ଞାନ ପରିଦର୍ଶକ ଦୁଷ୍ମନ୍ତ ଶେଖର ପାଢୀ ଧନ୍ୟବାଦ ଦେଇଥିଲେ।

## ଶର୍ଟସର୍କିଟରୁ ଜଳିଗଲା ଘର

**ବେହେରା, ୨୭।୫ (ଭୂପେଶ ତିୱାରୀ)**



କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବେହେରା ଗ୍ରାମ ପଞ୍ଚାୟତ ନୂନପାଣି ଗ୍ରାମରେ ଶଟସର୍କିଟ ଯୋଗୁ ରବିବାର ରାତିରେ ଏକ ଘରେ ନିଆଁ ଲାଗିଯାଇଥିଲା। ସୂଚନା ଅନୁସାରେ ଗ୍ରାମର ଗଜେନ୍ଦ୍ର ବାଣୁଆଙ୍କ ପରିବାର ଓ ତାଙ୍କ ବଡଭାଇ ଦୁଇଟି କୋଠରିରେ ପୃଥକ୍ ଭାବେ ରହନ୍ତି। ରବିବାର ରାତିରେ ଗଜେନ୍ଦ୍ର ପାଖ କ୍ରଶରକୁ ଶୋଇବାକୁ ଯାଇଥିବା ବେଳେ ତାଙ୍କ ସ୍ତ୍ରୀ କୋଠରିରେ ତାଲା ପକାଇ ଗ୍ରାମରେ ଥିବା ନିଜ ବାପଘରକୁ ଶୋଇବାକୁ ଯାଇଥିଲେ। ମଧ୍ୟ ରାତ୍ରିରେ ଗଜେନ୍ଦ୍ର ରହୁଥିବା କୋଠରିରେ ନିଆଁ ଲାଗିଥିବା ଦେଖି ବଡ଼ ଭାଇ ପାଟି କରିଥିଲେ। ଗ୍ରାମବାସୀ ପହଞ୍ଚି ପରିବାରକୁ ଉଦ୍ଧାର କରିବା ସହ ନିଆଁ ଲିଭାଇବାରେ ସାହାଯ୍ୟ କରିଥିଲେ। ଅଗ୍ନିକାଣ୍ଡରେ ବହୁ ମୂଲ୍ୟବାନ ସାମଗ୍ରୀ ପୋଡି ନଷ୍ଟ ହୋଇ ଯାଇଥିବା ପରିବାର ଲୋକେ ପ୍ରକାଶ କରିଛନ୍ତି। ଏହି ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଯୋଗାଇଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।

## ଆଇନ ସଚେତନତା ଶିବିର




କେସିଙ୍ଗା ଅଦାଲତ ପରିସରରେ ଅନୁଷ୍ଠିତ ଆଇନ ସଚେତନତା ଶିବିର।

**କେସିଙ୍ଗା, ୨୭।୫ (ତୁମେଶ୍ୱର ସାହୁ)**

କଳାହାଣ୍ଡି ଜିଲା କେସିଙ୍ଗାସ୍ଥିତ ତାଲୁକ ଆଇନସେବା ସମିତି ପକ୍ଷରୁ ଅଦାଲତ ପରିସରରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ତଥା ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷ ଧନଞ୍ଜୟ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଆବର୍ଜନା ମୁକ୍ତ ପରିବେଶ ଗଠନ ତଥା ସରକାରଙ୍କ ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓକିଲ ସଂଘ ସଭାପତି ଚିତ୍ତରଞ୍ଜନ ଭୋଇ, ସମ୍ପାଦକ ସନ୍ଦୀପ କୁମାର ବାନାର୍ଜୀ, ସମ୍ମୁଖ କାର୍ଯ୍ୟାଳୟ ଆଇନ ପରାମର୍ଶଦାତା ସୌରରଶ୍ମି ନନ୍ଦ, ସରକାରୀ ଓକିଲ ପ୍ରକାଶ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।



ଧନ୍ଦାଗଡ଼ରୁ ଆସିଥିବା ମାଟିକଳସ ଗାଁ ପରିକ୍ରମା କରାଯାଉଛି।

## ଗାଁ ପରିକ୍ରମାକଲା ଧନ୍ଦାଗଡ଼ରୁ ଆସିଥିବା ମାଟିକଳସ

**ନୂଆପଡ଼ା, ୨୭।୫ (ମକାରୁ ବେମାଲ)**

ବାରଭାଇ ମରକାମଙ୍କ ଜନ୍ମସ୍ଥାନ ଛତିଶଗଡ଼ ରାଜ୍ୟ କୋର୍ବା ଜିଲା ଧନ୍ଦାଗଡ଼ ଗାଁରୁ ଆସିଥିବା ମାଟିକଳସ ନୂଆପଡ଼ା ଜିଲା କୋମନା ବ୍ଲକ୍ ଅନ୍ତର୍ଗତ ମିଛାପାଲି ଗାଁରୁ ରବିବାର ବାହାରି ବିଭିନ୍ନ ଗାଁ ପରିକ୍ରମା କରିଛି। ପରେ ଏହି ମାଟିକୁ ବୋଡେନ ଗାଦିପୀଠକୁ ପଠାଯିବ। ତିଥି ଲଗ୍ନ ଦେଖି ସେହି ମାଟି ଉପରେ ସାହାଜ ଗଛ ଲଗାହେବ। ସାହାଜ ଗଛରେ ଗୋଣ୍ଡୱାନାମାନଙ୍କ ଇଷ୍ଟଦେବତା ଚତୁର୍ଭୁଜ ବୁଢ଼ାଦେଓ ବାସକରନ୍ତି ବୋଲି ସମାଜର ପୂର୍ବପୁରୁଷଙ୍କ ବିଶ୍ୱାସ ରହିଛି। ତଦନୁଯାୟୀ ଗୋଣ୍ଡୱାନା କଦମ୍ବ ବଂଶୀ ମରକାମ ପରିବାର ଏକ ସଭାକରି ସର୍ବସମ୍ମତିକ୍ରମେ ନିର୍ଦ୍ଦିଷ୍ଟ ୩ଜଣଙ୍କୁ ଚୟନ କରିଥିଲେ। କୋମନା ବ୍ଲକ୍ ମରକାମ ପରିବାର ସଭାପତି ଯୋଗୀ ମାଝି, ଗୋଣ୍ଡୱାନା ସମାଜ ଜିଲା ସଭାପତି ଦିବ୍ୟସିଂ ମାଝି ଓ ବୋଡେନ ବ୍ଲକ୍‌ରୁ ପ୍ରତାପ ମାଝିଙ୍କୁ ଧନ୍ଦାଗଡ଼ ପଠାଇ ସେଠାରୁ ମାଟି ଆଣି କୋମନା ବ୍ଲକ୍ ଅନ୍ତର୍ଗତ ମିଛାପାଲି ଗାଁରେ ରଖାଯାଇଥିଲା। ମରକାମ ପରିବାର ସଭାପତି ଯୋଗୀ ମାଝିଙ୍କ ନେତୃତ୍ୱରେ ଶତାଧିକ ମହିଳା ପୁରୁଷ ବାଜା ବଜାଇ କଳସରେ ମାଟିକୁ ଧରି ମିଛାପାଲି ଗାଁରୁ ବାହାରି ଠୋଙ୍ଗୋଗାଁ ଦେଇ ମାଳଭଟା, ସିଲେଟପାଣି, ସିଆଲଲଟି, ବାଲିପାଟି, ଭୁରଖାଢୋଡା, ଶୁକ୍ଲିମୁଣ୍ଡି, ପଣ୍ଡରାପଥର, ଉଦ୍ୟାନବନ୍ଧ, ବ୍ରନ୍ଦାପାଟ, ଛତା ଆଦି ଗାଁ ପରିକ୍ରମା କରିଛି। ସୋମବାର ମଧ୍ୟ ବୋଡେନ ବ୍ଲକର ବିଭିନ୍ନ ଗାଁ ପରିକ୍ରମା ପରେ ଗାଦିପୀଠକୁ ଯାଇଛି। କଦମ୍ବ ବଂଶୀ ମରକାମ ପରିବାରରେ ପ୍ରତି ୩ ବର୍ଷରେ ଥରେ ଗାଦି ଯାତ୍ରା ହୋଇଥାଏ। ଆସନ୍ତାବର୍ଷ ସାହାଜ ଗଛମୂଳେ ଗାଦିଯାତ୍ରା ହେବ। ଗାଦି ଯାତ୍ରାରେ ଇଷ୍ଟଦେବତାଙ୍କ ସହ ସମସ୍ତ ଦେବଦେବୀଙ୍କୁ ପୂଜାର୍ଚ୍ଚନା କରି ବୋଦା ବଳି ଦିଆଯାଇଥାଏ। ସେହି ବଳିବୋଦାକୁ ଆବାଳ ବୃଦ୍ଧ ବନିତା ପ୍ରସାଦ ଭାବେ ଏକାଠି ବସି ଭୋଜନ କରିଥାନ୍ତି।

## ପାଣି ସମସ୍ୟା ନେଇ ଜିଲାପାଳଙ୍କୁ ଦାବିପତ୍ର

**ବାଉଁଶୁଣୀ, ୨୭।୫ (ଦେବାଶିଷ ନେପାକ)**

ବୌଦ୍ଧ ଜିଲା ବାଉଁଶୁଣୀ ପଞ୍ଚାୟତ ବୈଦ୍ୟନାଥପୁର ଗ୍ରାମରେ ପାଣି ସମସ୍ୟା ଲାଗି ରହିଛି। ବାରମ୍ବାର ସରପଞ୍ଚଙ୍କଠାରୁ ଆରମ୍ଭ କରି ଜିଲା ପ୍ରଶାସନ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିବା ଗ୍ରାମର ମହିଳାମାନେ ସୋମବାର ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଗ୍ରାମରେ ୧୦୦୦ ଲୋକ ବସବାସ କରୁଛନ୍ତି। ହେଲେ ଗ୍ରାମରେ ଦୁଇ ଗୋଟି ନଳକୂପ ଅଛି। ସେହି ନଳକୂପ ଅନେକ ଦିନ ହେବ ଅଚଳ ହୋଇ ପଡିରହିଛି। ଏହି ନଳକୂପ ଅଚଳ ହେବା ନେଇ ସରପଞ୍ଚଙ୍କ ନିକଟରେ ଅଭିଯୋଗ କରାଯାଇଛି। ହେଲେ ମଧ୍ୟ ସରପଞ୍ଚ ମଧ୍ୟ କର୍ଣ୍ଣପାତ କଲେ ନାହିଁ। ବାଧ ହୋଇ ବୈଦ୍ୟନାଥପୁର ଗ୍ରାମର ବହୁ ମହିଳା ସୋମବାର ଜିଲାପାଳଙ୍କୁ ଏକ ଦାବିପତ୍ର ଦେବା ସହ ତୁରନ୍ତ ବୈଦ୍ୟନାଥପୁର ଗ୍ରାମକୁ ପାଣି ଯୋଗେଇ ଦେବାକୁ ଅନୁରୋଧ କରିଥିଲେ। ଯଦି ଗ୍ରାମକୁ ପାଣି ଯୋଗାଇ ନ ଦିଆଯାଏ ଆଗାମୀ ଦିନରେ ୫୭ ନଂ ଜାତୀୟ ରାଜପଥ ଅବରୋଧ କରିବାକୁ ମହିଳାମାନେ ଚେତାବନୀ ଦେଇଛନ୍ତି।

## ପୋତିହୋଇଛି ଡ୍ରେନ୍, ରାସ୍ତାରେ ମଇଳା ପାଣି



**ରିଷିଡ଼ା, ୨୭।୫ (ସୁଶାନ୍ତ ମଲ୍ଲିକ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡ଼ା ପଞ୍ଚାୟତର କନ୍ଧପଡା, କନାରପଡା, ମିଳନ ଛକରେ ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। କେତେକ ସ୍ଥାନରେ ଡ୍ରେନ୍ ସଫା ହେଉ ନ ଥିବାବେଳେ ଆଉ କେଉଁଠି ଅନାବନା ଗଛ ଉଠି ପୋତି ହୋଇଗଲାଣି। ଫଳରେ ଅଦିନିଆ ବର୍ଷାରେ ଡ୍ରେନ୍‌ରେ ପାଣି ଯାଇ ନ ପାରି ରାସ୍ତାରେ ଚାଲୁଛି। ବର୍ଷା ଛାଡିଯିବା ପରେ ରାସ୍ତାରେ କୁଢ କୁଢ ଅଳିଆ ଆବର୍ଜନା ଗଦାହୋଇ ରହୁଛି। ରାମ ମନ୍ଦିର ଛକଠାରୁ ମିଳନ ଛକ କନ୍ଧପଡା, କନାରପଡା ପର୍ଯ୍ୟନ୍ତ ଡ୍ରେନେଜ ସମସ୍ୟା ଲାଗିରହିଛି। ରିଷିଡାର ଅନେକ ପଡ଼ା ନିକଟ ଘରଗୁଡିକରେ ଆବର୍ଜନା ପାଣି ପଶୁଛି। ଅଳିଆ ଆବର୍ଜନା ରାସ୍ତାରେ ପଡି ମଶାମାଛିଙ୍କ ପ୍ରାଦୁର୍ଭାବ ବଢିବା ସହ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରିଛି। କେତେକ ସ୍ଥାନରେ ଲୋକେ ଘରର ଅଳିଆ ଆବର୍ଜନ ଡ୍ରେନ୍‌ରେ ପକାଇବା ପୋତିହେବାର କାରଣ ବୋଲି କୁହାଯାଉଛି। ଏ ସମ୍ପର୍କରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବରାଜ ରଣାଙ୍କୁ ପଚାରିବାରୁ ଏହି ସମସ୍ୟା ସମାଧାନ ନେଇ ଯୋଜନା ରହିଛି ଓ ଖୁବ୍‌ଶୀଘ୍ର କାର୍ଯ୍ୟ ତ୍ୱରାନ୍ୱିତ କରାଯିବ ବୋଲି କହିଥିଲେ।

## ୧୮ ହଜାର ଟଙ୍କା ଲୁଟ ମାମଲାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

**ବାଉଁଶୁଣୀ, ୨୭।୫ (ଦେବାଶିଷ ନେପାକ)**

ବାଉଁଶୁଣୀ ଥାନା ମୁଣ୍ଡିପଦର ଗ୍ରାମ ନିକଟରୁ ଦିନ ଦ୍ୱିପ୍ରହରରେ ଜଣେ ବ୍ୟକ୍ତିଙ୍କ ଠାରୁ ସାଇକେଲ ସହ ୧୮ ହଜାର ଟଙ୍କା ଲୁଟ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଜଣେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି ବାଉଁଶୁଣୀ ପୋଲିସ। ମିଳିଥିବା ସୂଚନା ଅନୁଯାୟୀ ମୁଣ୍ଡିପଦର ଗ୍ରାମ ପଞ୍ଚାୟତ ଜାଳେଇ ଗ୍ରାମର ସୋମନାଥ ହୋତାଙ୍କଠାରୁ ଗତ ଏପ୍ରିଲ ୧୫ ତାରିଖ ମୁଣ୍ଡିପଦର ଗ୍ରାମର ଅଜିତ ଥପା ନାମକ ଯୁବକ ଏକ ସାଇକେଲ ସହ ୧୮ ହଜାର ଟଙ୍କା ଓ ବ୍ୟାଗରେ ଥିବା ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଲୁଟି ନେଇଥିବା ଅଭିଯୋଗ ହୋଇଥିଲା।

## ଷ୍ଟେଟ ବ୍ୟାଙ୍କ ପକ୍ଷରୁ ବୌଦ୍ଧର ମାଟ୍ରିକ ଟପ୍ପରଙ୍କୁ ସମ୍ବର୍ଦ୍ଧନା

**ବୌଦ୍ଧ, ୨୭।୫ (ଅଜିତ କୁମାର ବାରିକ)**

ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ବୌଦ୍ଧ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ର ଶୁଭ୍ରଦୀପ ପ୍ରଧାନ ୫୫୪ ନମ୍ବର ରଖି ବୌଦ୍ଧ ଜିଲା ଟପ୍ପର ହୋଇଛନ୍ତି। ଏନେଇ ସୋମବାର ବୌଦ୍ଧ ଷ୍ଟେଟବ୍ୟାଙ୍କ ପକ୍ଷରୁ ଛାତ୍ର ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଅପରାହ୍ନରେ ବ୍ୟାଙ୍କ ପରିସରରେ ଶାଖା ପରିଚାଳକ ସମ୍ବିତ କୁମାର ପଟ୍ଟନାୟକ ସମ୍ବର୍ଦ୍ଧିତ କରିଥିଲେ। ଆଗକୁ ଆହୁରୀ ଭଲ ପଢିବାକୁ ଶାଖା ପରିଚାଳକ ପଟ୍ଟନାୟକ କହିଥିଲେ। ସମ୍ବର୍ଦ୍ଧିତ ସମୟରେ ବ୍ୟାଙ୍କର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।



ବ୍ୟାଙ୍କ ପରିସରରେ ସମ୍ବର୍ଦ୍ଧିତ କରାଯାଉଛି।

## ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ



ଅମାଠ ଖେଳପଡିଆରେ ଅନୁଷ୍ଠିତ ସାଧାରଣ ସଭା।

**ସଚେତନ ନାଗରିକ ମଞ୍ଚର ବୈଠକ**

**କେସିଙ୍ଗା, ୨୭।୫ (ତୁମେଶ୍ୱର ସାହୁ)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ନୂନମାଠ ଗ୍ରାମ ପଞ୍ଚାୟତର ଅମାଠ ଛକସ୍ଥିତ ଖେଳପଡିଆରେ ସଚେତନ ନାଗରିକ ମଞ୍ଚର ସଭାପତି ପର୍ଶୁରାମ ପାଢ଼ୀଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅନ୍ତର୍ଗତ କସ୍ତୁପଡା, ତୁର୍ଲାଖମନ, ତୁଣ୍ଡଳା, ହାତିଖୋଜ, ବେଲଖଣ୍ଡି, ତହଶିର ଆଦି ଗ୍ରାମ ପଞ୍ଚାୟତ ସମେତ କେସିଙ୍ଗା ଏନ୍‌ଏସିର ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତରେ ନୂନମାଠ ଟୋଲଗେଟ ସମସ୍ୟା ଉପରେ ବିଷଦ ଭାବେ ଆଲୋଚନା କରାଯାଇଥିଲା। ଜିଲାର ସମସ୍ତ ଚାରିଚକିଆ ଗାଡିକୁ ଦେୟମୁକ୍ତ କରାଯିବା ସହ ଟୋଲଗେଟରେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦେବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ପୂର୍ବରୁ ଏ ନେଇ ଜିଲାପାଳଙ୍କ ନିକଟରେ ମଞ୍ଚ ପକ୍ଷରୁ ଲିଖିତ ଅଭିଯୋଗ କରାଯାଇଛି। ଜିଲାପାଳ ବିଚାର କରି ଯଥାଶୀଘ୍ର ସମସ୍ୟା ସମାଧାନ କରିବା ପାଇଁ ସଭାରେ ଆଲୋଚନା ହୋଇଥିଲା। ନଚେତ୍ ୨୬ନଂ. ଜାତୀୟ ରାଜପଥରେ ଗଣଧାରଣା ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏହି ସଭାରେ ଲୋକେଶ ସାହୁ, ପୂର୍ବତନ ସରପଞ୍ଚ ପ୍ରମୋଦ କୁମାର ଭୋଇ, ଟୁକୁ ଚନ୍ଦ୍ର ସାହୁ, ଟିକେମନ ଦୀପ, ଦିଲୀପ କୁମାର ଦୋରାଙ୍କ ସମେତ ଶତାଧିକ ଲୋକ ଅଂଶଗ୍ରହଣ କରିଥିଲେ।

## ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ବେଦୀପୂଜା, ଶୁଭଖମ୍ଭ ସ୍ଥାପନ

**କୋକସରା, ୨୭।୫ (ଦୁଷ୍ମନ୍ତ କୁମାର ପାଟଯୋଷୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଫୁଫଗାଁ ପଞ୍ଚାୟତ ଫୁଫଗାଁଠାରେ ବାବା ପାହାଡେଶ୍ୱର ଶିବ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ସୋମବାର ବେଦୀପୂଜା ଓ ଶୁଭଖମ୍ଭ ସ୍ଥାପନ ଅନୁଷ୍ଠିତ ହୋଇଯାଇଛି। କର୍ତ୍ତା ଭାବେ ରାଜୀବ ଅଗ୍ରୱାଲ ଓ ସ୍ତ୍ରୀ ରିତା ଅଗ୍ରୱାଲ ଦାୟିତ୍ୱ ତୁଲାଇଥିଲେ। ମନ୍ଦିର ପୂଜା କମିଟି ପକ୍ଷରୁ ଆସନ୍ତା ଶୁକ୍ରବାର ଅଧିବାସ ସହ ଅଙ୍କୁରାରୋପଣ, ଶନିବାର କଳସ ଯାତ୍ରା ଦେବ ପୂଜନ, ରବିବାର ଜଳାଧିବାସ, ଘୃତାଧିବାସ, ଶର୍କରାଧିବାସ, ନାମ ଯଜ୍ଞଧିବାସ ଅନୁଷ୍ଠିତ ହେବ। ସୋମବାର ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ ହୋଇ ମଙ୍ଗଳବାର ଦହିହାଣ୍ଡି ଭଗ୍ନ ସହ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ସମାପନ ହେବା ନେଇ ମନ୍ଦିର କମିଟି ସଭାପତି ଜୟରାମ ପୂଜାରୀ ଓ ସମ୍ପାଦକ ପ୍ରଦୀପ ପଟେଲଙ୍କଠାରୁ ସୂଚନା ମିଳିଛି। ଏଥିପାଇଁ ଗ୍ରାମବାସୀଙ୍କ ତରଫରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି।

## ସଂକ୍ଷେପରେ

### ରବି ଧାନ ମଣ୍ଡି ଉଦ୍‌ଘାଟିତ

ଖପ୍ରାଖୋଲ, ୨୭।୫(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ଲୁହାସିଂହା ପ୍ୟାକ୍ସ କାର୍ଯ୍ୟାଳୟ ଯୁରିଆଠାରେ ରବି ଧାନ ମଣ୍ଡି ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ପ୍ୟାକ୍ସ ସଭାପତି କନ୍ଦର୍ପ ସୁଆର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ପାଟଣାଗଡ଼ ଉପଖଣ୍ଡ ଡେପୁଟି କଲେକ୍ଟର ମାନସ ଫିଲ କେରେକେଟା, ସମ୍ମାନିତ ଅତିଥି ଭାବେ ପାଟଣାଗଡ଼ ଉପଖଣ୍ଡ ସହକାରୀ ସମବାୟ ନିବନ୍ଧକ ରାଧାକୃଷ୍ଣ ମେହେର, ଉପଖଣ୍ଡ ଯୋଗାଣ ଅଧିକାରୀ ମାୟାଧର ସାହୁ, ଆର୍‌ଏମ୍‌ସି ସମ୍ପାଦକ କ୍ଷମା ନିଧି ଗଡ଼ତ୍ୟା ପ୍ରମୁଖ ଯୋଗଦେଇ ଥିଲେ। ପ୍ରଥମ ଦିନ ୩ଚାଷୀ ମଣ୍ଡିକୁ ଧାନ ଆଣିଥିଲେ। ସୂଚନା ଅନୁସାରେ ଚଳିତ ରବିଋତୁରେ ୫୨ ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଥିବା ଜଣାଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ପ୍ୟାକ୍ସ ସମ୍ପାଦକ ଜଗଦିଶ ରଣା, ଯଦୁ ରଣା, ରାଜକିଶୋର ମେହେର, କ୍ଷମାନିଧି ବରିହା, ସୁଦାମ ସୁଆର ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ।

### ସତ୍ୟସାଇ ସଙ୍ଗଠନ ପକ୍ଷରୁ ରକ୍ତଦାନ ଶିବିର

ଦେଓଗାଁ, ୨୭।୫(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗିର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଜରାସିଂହାସ୍ଥିତ ସତ୍ୟସାଇ ବିହାରଠାରେ ସ୍ଥାନୀୟ ଶ୍ରୀଶ୍ରୀ ସତ୍ୟସାଇ ସେବା ସମିତି ଓ ସଇଁତଲା ସମିତିର ଆନୁକୂଲ୍ୟରେ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ରକ୍ତଦାନ ଶିବିର 'ଅମୃତ ବିନ୍ଦୁ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ ୨୭ ଜଣ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। କାର୍ଯ୍ୟକ୍ରମକୁ ଜରାସିଂହା ସମିତିର ଆବାହକ ଗୋବିନ୍ଦ ମେହେର ଓ ସଇଁତଲା ସମିତିର ଆବାହକ ନଗେନ୍ଦ୍ର କୁମାର ବଢ଼ିଆ ପ୍ରମୁଖ ଉଦ୍‌ଘାଟନ କରିଥିଲେ। ଜିଲା ସେବା ସଂଯୋଜକ ରମେଶ କୁମାର ମହାକୁର, ମନିଷ ମେହେର, ପ୍ରଦୀପ କୁମାର ତ୍ରିପାଠୀ, ଜନକ ମେହେର, କୃଷ୍ଣକୁମାର ସାହୁ, ଶରତ ପୁଟେଲ, ରାଜୁ ପୁଟେଲ, ପୁଷ୍ପାଞ୍ଜଳୀ ମେହେର, ବୃହସ୍ପତି ପୁଟେଲ, ବିନ୍ଦୁ ସାଗର ମେହେର ସହଯୋଗ କରିଥିଲେ।

### ଅବସରପ୍ରାପ୍ତ ଫରେଷ୍ଟ ରେଞ୍ଜର ଗୌରୀ ଶଙ୍କର ମହାକୁଡଙ୍କ ପରଲୋକ

ବଲାଙ୍ଗୀର, ୨୭।୫ (ବୀରେନ୍ଦ୍ର କୁମାର ଝାଙ୍କର)



ବଲାଙ୍ଗୀର ସହର ମାଲପଡା ନିବାସୀ ଅବସରପ୍ରାପ୍ତ ଫରେଷ୍ଟ ରେଞ୍ଜର ଗୌରୀ ଶଙ୍କର ମହାକୁଡ (୮୯)ଙ୍କ ରବିବାର ପରଲୋକ ହୋଇଛି। ସେ ଜଣେ ଧାର୍ମିକ ଏବଂ ପରିବେଶ ପ୍ରେମୀ ଥିଲେ। ବିଭିନ୍ନ ଅନୁଷ୍ଠାନ ସହିତ ସେ ଜଡିତ ଥିଲେ। ମୃତ୍ୟୁବେଳକୁ ତାଙ୍କ ପାଖରେ ସ୍ତ୍ରୀ ଇନ୍ଦିରା ମହାକୁଡ, ପୁତ୍ର ଶାନ୍ତନୁ ମହାକୁଡ, ପୁତ୍ରବଧୂ ସୋନିଆ, ଝିଅ ଲିଲି, ଟିକି, ଜ୍ୱାଇଁ ସୁବାସ, ହୁଦ୍ଧା, ରାଜେଶ, ରାଧେ ଓ ନାତିନାତୁଣୀ ଉପସ୍ଥିତ ଥିଲେ। ବିଭୂତିପଡା ଶ୍ମଶାନରେ ତାଙ୍କର ଦାହସତ୍କାର କରାଯାଇଥିଲା। ଜ୍ୟେଷ୍ଠ ପୁତ୍ର ଶାନ୍ତନୁ ମହାକୁଡ ମୁଖାଗ୍ନି ଦେଇଥିଲେ।

# ଚିତ୍ରଶିଳ୍ପୀର ଭାବ-ଭାବନାର ପ୍ରତିଫଳନ ଚିତ୍ରକଳା

## ମାସିକ ରଚନା ସନ୍ଧ୍ୟା କାର୍ଯ୍ୟକ୍ରମ




ମାସିକ ରଚନା ସନ୍ଧ୍ୟା କାର୍ଯ୍ୟକ୍ରମରେ ମଞ୍ଚାସୀନ ଚିତ୍ରଶିଳ୍ପୀମାନେ।

ବଲାଙ୍ଗୀର, ୨୭।୫ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀରର ଅଗ୍ରଣୀ ସାହିତ୍ୟ, ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ 'ରଚନା' ପକ୍ଷରୁ ରବିବାର ସନ୍ଧ୍ୟାରେ ସ୍ଥାନୀୟ ପିପି ଏକାଡେମୀ ସଭାକକ୍ଷରେ ମୁଁ ଓ ଚିତ୍ରକଳା ଶୀର୍ଷକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ମାସିକ ରଚନା ସନ୍ଧ୍ୟା କାର୍ଯ୍ୟକ୍ରମରେ ବଲାଙ୍ଗୀର ମାଟିର ଚାରିଜଣ ଜଣାଶୁଣା ଚିତ୍ରଶିଳ୍ପୀ ଶାନ୍ତନୁ କୁମାର ମେହେର, ଝରଣା ମିଶ୍ର, ଦିଲ୍ଲୀପ କୁମାର ସିଂଦେଓ ଏବଂ ବାସୁଦେବ ମେହେର ଯୋଗଦେଇ 'ମୁଁ ଓ ଚିତ୍ରକଳା ଶୀର୍ଷକ'ରେ ନିଜ ଚିତ୍ରଶିଳ୍ପୀ ଯାତ୍ରାର ସ୍ମୃତି ଅନୁଭୂତି ସମ୍ପର୍କରେ ଆଲୋଚନା କରିଥିଲେ। ଚିତ୍ରଶିଳ୍ପୀମାନେ କିଭଳି ଭାବେ ଚିତ୍ରକଳାକୁ ଆପଣେଇ ନେଇଥିଲେ ଏବଂ ଚିତ୍ରକଳା କିଭଳି ସେମାନଙ୍କ ଜୀବନରେ ପ୍ରଭାବ ପକାଇଛି ତାହା କହିଥିଲେ। ସାମ୍ପ୍ରତିକ ଜୀବନ ଯନ୍ତ୍ରଣା ଓ ସାମାଜିକ ଚଳଣି, ମଣିଷ ମନର କଥା ଓ ବ୍ୟଥା ଚିତ୍ରକଳାରେ ପ୍ରଦର୍ଶିତ। ଚିତ୍ରଟିଏ ଦେଖି ସମସ୍ତେ ଖୁସି ହୁଅନ୍ତି। ଚିତ୍ର ଓ ଚିତ୍ରକରର ପ୍ରଶଂସା କରନ୍ତି। କିନ୍ତୁ ଅନେକେ ଏହି ଚିତ୍ର ପଛରେ ଥିବା ଚିତ୍ରକରର ଏକନିଷ୍ଠ ସାଧନା ଓ ତ୍ୟାଗକୁ ଭଲ କରି ଅନୁଭବ କରିପାରନ୍ତି ନାହିଁ। ତେବେ ଚିତ୍ରକର ଥକି ପଡେନାହିଁ। ନିଜ ଚିତ୍ରକଳା ମାଧ୍ୟମରେ ନିଜ ଅଭିବ୍ୟକ୍ତିକୁ ବ୍ୟକ୍ତକରି ଚାଲିଥାଏ ନିରବରେ। ବାସ୍ତବରେ ଚିତ୍ରକଳା ହିଁ ଚିତ୍ରକରର ଅଭିବ୍ୟକ୍ତି ବୋଲି ଚିତ୍ରଶିଳ୍ପ ଆଲୋଚକମାନେ କହିଥିଲେ। ଚିତ୍ରକଳା ଜରିଆରେ ମାଟିର ଗୌରବ ବଢ଼ାଇଥିବା ଏହି ଚିତ୍ରଶିଳ୍ପୀମାନେ ନିଜ ଜୀବନ ଯାତ୍ରାର ଅଭୁଲା ମୁହୂର୍ତ୍ତ, ସେମାନେ କାହିଁକି ଓ କେମିତି ଚିତ୍ରକଳା ପ୍ରତି ଆକୃଷ୍ଟ ହେଲେ ଓ ନିଜ ଚିତ୍ରରେ କଣ କହିବାକୁ ଚାହାଁନ୍ତି ତାହା ଉପସ୍ଥାପନ କରିଥିଲେ। ରଚନା ସଦସ୍ୟା ସସ୍ମିତା ନେପାକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସହରର ଅନେକ ବୁଦ୍ଧିଜୀବୀ, ଚିତ୍ରପ୍ରେମୀ ଉପସ୍ଥିତ ଥିଲେ। ଶେଷରେ ସହସମ୍ପାଦକ ରନ୍ମୟ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ରଚନା ସଭାପତି ସନାତନ ଠାକୁର, ସମ୍ପାଦକ ଭାଗୀରଥି ମିଶ୍ର, କୋଷାଧ୍ୟକ୍ଷ ମୃଗେଗ ବୈଷ୍ଣବ ପାଣିଗ୍ରାହୀ ଓ ଅନ୍ୟ ସଦସ୍ୟାସଦସ୍ୟ, ସହରର ବୁଦ୍ଧିଜୀବୀ ରମେଶ ପୁରୋହିତ, ଦୁଃଖିଶ୍ୟାମ ତ୍ରିପାଠୀ, ଗିରିଜା ଶଙ୍କର ରଥ, ଡ. ପ୍ରେମଚାନ୍ଦ ମହାନ୍ତି, ମନୋରଞ୍ଜନ ସାହୁ, ଜିତେନ୍ଦ୍ର ତ୍ରିପାଠୀ, ବୀରେନ୍ଦ୍ର କୁମାର ଝାଙ୍କର, ଜୟକୁମାର ଆଚାର୍ଯ୍ୟ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଓଡ଼ିଶା କ୍ଷୁଦ୍ର ଓ ମଧ୍ୟମ ଶିଳ୍ପୋଦ୍ୟୋଗୀ ସଭା ବଲାଙ୍ଗୀର ଜିଲା କର୍ମକର୍ତ୍ତା ନିର୍ବାଚନ




ଓଡ଼ିଶା କ୍ଷୁଦ୍ର ଓ ମଧ୍ୟମ ଶିଳ୍ପୋଦ୍ୟୋଗୀ ସଭାର କେନ୍ଦ୍ରୀୟ କାର୍ଯ୍ୟକାରୀ କମିଟି ବୈଠକରେ ଉପସ୍ଥିତ ବଲାଙ୍ଗୀର ଜିଲା ଶାଖା କାର୍ଯ୍ୟକର୍ତ୍ତା।

ବଲାଙ୍ଗୀର, ୨୭।୫ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ହୋଟେଲ ଭଗବତୀଠାରେ ଓଡ଼ିଶା କ୍ଷୁଦ୍ର ଓ ମଧ୍ୟମ ଶିଳ୍ପୋଦ୍ୟୋଗୀ ସଭାର ୧୫ତମ କେନ୍ଦ୍ରୀୟ କାର୍ଯ୍ୟକାରୀ କମିଟି ବୈଠକ ରବିବାର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ୨୦୨୪-୨୦୨୭ ବର୍ଷ ପାଇଁ ବଲାଙ୍ଗୀର ଜିଲା ଶାଖାର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦ୍ର କାର୍ଯ୍ୟାଳୟ ମହାସଚିବ ସାତ୍ତ୍ୱିକ ସ୍ୱାଇଁ, ମହିଳା ଶିଳ୍ପୋଦ୍ୟୋଗୀ ସଂଘ ଅଧ୍ୟକ୍ଷ ଜ୍ୟୋତିର୍ମୟୀ ମହାନ୍ତି, ଅତିରିକ୍ତ ସଚିବ ଅଭିଳାଷ ଦାଶ, ଯୁଗ୍ମ ସଚିବ ସବ୍ୟସାଚୀ ବେହେରା, ଉପାଧ୍ୟକ୍ଷ ସିଦ୍ଧେଶ୍ୱର ମିଶ୍ର ଓ ରଣଜିତ କୁମାର ସାହୁ, ଯୁଗ୍ମ ଅର୍ଥ ସଚିବ ପରେଶ ସାହୁ, ଖୋର୍ଦ୍ଧା ଜିଲା ମହିଳା ସଂଘ ସଭାନେତ୍ରୀ ପ୍ରତିଶ୍ରୁତି ଜେନା ଉପସ୍ଥିତ ଥିଲେ। କେନ୍ଦ୍ରୀୟ ଅର୍ଥ ସଚିବ ଆଦିକନ୍ଦ ରାଉତ ନିର୍ବାଚନ ଅଧିକାରୀ ଭାବେ ଯୋଗ ଦେଇଥିଲେ। ନୂତନ ନିର୍ବାଚିତ କର୍ମକର୍ତ୍ତା ସଭାପତି ପ୍ରକାଶ ନେପାକ, ଜିଲା ଉପସଭାପତି ସବ୍ୟସାଚୀ ମାଝି, ଜିଲା ସଚିବ ଦେବଜ୍ୟୋତି ପୁରୋହିତ, ଜିଲା ଯୁଗ୍ମ ସଚିବ ମୁକୁନ୍ଦ ପ୍ରସାଦ ପଟ୍ଟନାୟକ, ଜିଲା ସଙ୍ଗଠନ ସମ୍ପାଦକ ମେହେତାବ ଆଲାମ, ଜିଲା ଅର୍ଥ ସଚିବ ଆଲୋକ କୁମାର ମହାନ୍ତି ଏବଂ ଉପଦେଷ୍ଟା କୁଳଭୂଷଣ ପୁରୋହିତ ଦାୟିତ୍ୱ ଗ୍ରହଣ କରିଥିଲେ। ଜିଲା ପରିଚାଳନା କମିଟିକୁ ନିହାର ରଞ୍ଜନ ସ୍ୱାଇଁ, ପ୍ରମୋଦ ପ୍ରଧାନ, ବିଶାଳ ଅଗ୍ରୱାଲ, ଆଶୁତୋଷ ହୋତା, ରବି ରଞ୍ଜନ ପୂଜାରୀ ଓ ହାଡିବନ୍ଧୁ ନାୟକ ନିର୍ବାଚିତ ହୋଇଥିଲେ। ଏହି ବୈଠକରେ ବଲାଙ୍ଗୀର ଜିଲାର ୫୦ରୁ ଊର୍ଦ୍ଧ୍ୱ ଶିଳ୍ପୋଦ୍ୟୋଗୀ ଯୋଗ ଦେଇଥିଲେ। ନିର୍ବାଚନ ଅଧିକାରୀ ନବ ନିର୍ବାଚିତ କର୍ମକର୍ତ୍ତାମାନଙ୍କୁ ଶପଥ ପାଠ କରାଇଥିଲେ। ଶେଷରେ ସବ୍ୟସାଚୀ ମାଝି ଧନ୍ୟବାଦ ଦେଇଥିଲେ।

# ଡ୍ୟାନସିଂ ଷ୍ଟାର ଏକାଡେମୀର ୱାର୍କଶପ




ୱାର୍କଶପରେ ଉପସ୍ଥିତ ନୃତ୍ୟ ମଣ୍ଡଳୀ।

ଟିଟିଲାଗଡ଼, ୨୭।୫ (ଶରତ ମିଶ୍ର)

ଡ୍ୟାନ୍ସିଂ ଷ୍ଟାର ଏକାଡେମୀ ଟିଟିଲାଗଡ଼ ବଡ଼ମାଲ ଶାଖା ପକ୍ଷରୁ ଗୋଳାବାରୁଦ କାରଖାନା ଜୁନିୟର ଷ୍ଟାଫ କ୍ଲବଠାରେ ସମର ୱାର୍କଶପ ଉଦ୍‌ଯାପିତ ହୋଇଯାଇଛି । ଇଣ୍ଡିଆ ବୁକ ଅଫ ରେକର୍ଡ ଉପାଧି ବିଜେତା ଏକାଡେମୀର ନିର୍ଦ୍ଦେଶିକା ଶୁଭାଦର୍ଶନୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପାଞ୍ଚଦିବସୀୟ ୱାର୍କଶପରେ ନୃତ୍ୟ, ସଙ୍ଗୀତ, କଳା, ଶିଳ୍ପ, କରାଟେ, ପ୍ରସାଧନ ଏବଂ ଖେଳ ତାଲିମ ପ୍ରଦାନ କରାଯାଇଥିଲା। ନୃତ୍ୟରେ ଶୁଭଦର୍ଶିନୀ, ସଙ୍ଗୀତରେ ସୁବଳ ତାଣ୍ଡି, ପ୍ରସାଧନରେ ସ୍ନିଗ୍ଧା ପାଢ଼ୀ, କଳା ଓ ଶିଳ୍ପରେ ଶ୍ରୀକ୍ଷେତ୍ର ତାଣ୍ଡି, କରାଟେରେ ଜିତୁ ପୃଷ୍ଟି ତାଲିମ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ସମାରୋହରେ ବଡ଼ମାଲ ଗୋଳାବାରୁଦ କାରଖାନା ମହିଳା କଲ୍ୟାଣ ସଭାପତି ଇପସିତା ଦାଶ ମୁଖ୍ୟଅତିଥି, ସମ୍ପାଦିକା ଏମ.ରେଣୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏକାଡେମୀର ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ତାଲିମ ପ୍ରମାଣପତ୍ର ପ୍ରଦାନ କରିଥିଲେ । ଶେଷରେ ଛାତ୍ରୀଛାତ୍ର ନୃତ୍ୟଗୀତ ପରିବେଷଣ କରିଥିଲେ ।

# ଆଗଲପୁର ବ୍ଲକ: ଜଣେ ମଧ୍ୟ ଏ-୧ ଗ୍ରେଡ ପାଇଲେନି

ଲୋଇସିଂହା, ୨୭।୫(ସୁଶାନ୍ତ ବାରିକ)

ରବିବାର ଚଳିତ ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଛି। ବଲାଙ୍ଗୀର ଜିଲା ଆଗଲପୁର ବ୍ଲକରେ ୯୮ ପ୍ରତିଶତ ପାସ ହାର ରହିଛି। ହେଲେ ୧୪୦୮ ପରୀକ୍ଷାର୍ଥୀଙ୍କ ମଧ୍ୟରେ କେହି ଜଣେ ମଧ୍ୟ ଏ-୧ ଗ୍ରେଡରେ ପାସ ହୋଇପାରିନାହାନ୍ତି। ଯାହାକୁ ନେଇ ଅଭିଭାବକ ଓ ଶିକ୍ଷାପ୍ରେମୀ ମହଲରେ ଚିନ୍ତାର କାରଣ ହୋଇଛି। ମିଳିଥିବା ତଥ୍ୟ ଅନୁସାରେ, ଆଗଲପୁର ବ୍ଲକରେ ଗୋଟିଏ ବାଳିକା ହାଇସ୍କୁଲ ସମେତ ୨୪ଟି ହାଇସ୍କୁଲ ରହିଛି। ୨୦୨୩-୨୪ ଶିକ୍ଷାବର୍ଷରେ ବ୍ଲକର ୧୪୧୫ ଜଣ ଛାତ୍ରୀଛତ୍ର ମାଟ୍ରିକ ଶ୍ରେଣୀରେ ଅଧ୍ୟୟନ କରୁଥିଲେ। ସେଥି ମଧ୍ୟରୁ ୧୪୦୮ ଜଣ ଛାତ୍ରୀଛାତ୍ର ମାଟ୍ରିକ ବୋର୍ଡ ପରୀକ୍ଷା ଦେଇଥିଲେ। ତନ୍ମଧ୍ୟରୁ ୧୩୮୬ ପରୀକ୍ଷାର୍ଥୀ ପାସ ହୋଇଛନ୍ତି। ବ୍ଲକରେ ଏ-୧ ଗ୍ରେଡରେ ଜଣେ ମଧ୍ୟ ପାସ ହୋଇନାହାନ୍ତି। ଏ-୨ ଗ୍ରେଡରେ ୧୩, ବି-୧ ଗ୍ରେଡରେ ୮୨, ବି-୨ଗ୍ରେଡରେ ୧୫୬, 'ସି'ଗ୍ରେଡରେ ୩୭୪, 'ଡି'ଗ୍ରେଡରେ ୫୦୮, 'ଇ'ଗ୍ରେଡରେ ୨୫୩, 'ଏଫ'ଗ୍ରେଡରେ ୧୭ ପାସ ହୋଇଛନ୍ତି। ଆଗଲପୁର,ଏସ୍‌କେଜିଏଚ,ଆଗଲପୁର ପଞ୍ଚାୟତ ହାଇସ୍କୁଲ ନୂଆଗାଁ(କେ), ରାମପୁର ଆଶ୍ରମ ସ୍କୁଲ, ଝରଣୀପାଲି, ବଡଟିକା, ବୁଦେଲା, କୁଟାସିଂହା, ଭରସୁଜା, ରେଙ୍ଗାଲି ଓ ସାଲେଭାଟ ଉତ୍କଳମଣୀ ହାଇସ୍କୁଲ ଶତପ୍ରତିଶତ ରେଜଲ୍ଟ କରିଛି। ପରୀକ୍ଷା ସମୟରେ ପଟୁଆପାଲି ହାଇସ୍କୁଲର ୩ ଜଣ ପରୀକ୍ଷାର୍ଥୀ ଏକ୍ସପେଲ ହୋଇଥିବା ଜଣାପଡ଼ିଛି।

# କୁଡୁର୍ଲା ପାକ୍ସରେ ଜିଲାର ପ୍ରଥମ ରବିଧାନ ମଣ୍ଡି ଉଦ୍‌ଘାଟିତ



କୁଡୁର୍ଲା ପାକ୍ସ ପରିସରରେ ରବି ଧାନମଣ୍ଡିକୁ ଅଧିକାରୀମାନେ ଉଦ୍‌ଘାଟନ କରୁଛନ୍ତି।

ଦେଓଗାଁ, ୨୭।୫(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗିର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ କୁଡୁର୍ଲା କୃଷି ସେବା ସମବାୟ ସମିତି (ପାକ୍ସ)ରେ ଜିଲାର ପ୍ରଥମ ରବିଧାନ ମଣ୍ଡି ଉଦ୍‌ଘାଟନ ହୋଇଯାଇଛି। ପାକ୍ସର ସଭାପତି ନିଳାମ୍ବର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡିଆରସିଏସ ଦମୟନ୍ତୀ ସିଂ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସହକାରୀ ସମବାୟ ଉପ ନିବନ୍ଧକ ଗାବ୍ରିଏଲ ସୋରେନ, ଜିଲା ଯୋଗାଣ ଅଧିକାରୀ ବେଣୁଧର ପାଣିଗ୍ରାହୀ, ଏସ୍‌ଏଆରସିଏସ୍ ରବୀନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ।

ପାକ୍ସରେ ମୋଟ ୧୪୨ଜଣ ଚାଷୀ ପଞ୍ଜିକୃତ ହୋଇଥିବାବେଳେ ଏହିଦିନ ସନ୍ତୋଷ କୁମାର ପଧାନ, ପ୍ରମୋଦ କୁମାର ପଧାନ ଓ ନିତ୍ୟାନନ୍ଦ ବାଗ ପ୍ରମୁଖ ୩ଜଣ ଚାଷୀଙ୍କଠାରୁ ୧୦୮.୩୬ କୁଇଣ୍ଟାଲ ଧାନ କ୍ରୟ ହୋଇଥିଲା। ପ୍ରକାଶଯେ, ରବିଧାନ ମଣ୍ଡି ଖୋଲିବାରେ ବିଳମ୍ବ ନେଇ ଧରିତ୍ରୀରେ ଖବର ପ୍ରକାଶିତ ହେବା ପରେ ସମ୍ପୃକ୍ତ ବିଭାଗରେ ତତ୍ପରତା ପ୍ରକାଶ ପାଇଥିଲା।

# ଦୋକାନ ପୋଡି ଘଟଣା, ୧ କୋର୍ଟ ଚାଲାଣ

ଟିଟିଲାଗଡ଼, ୨୭।୫(ଶରତ ମିଶ୍ର)

ଗତ ୨୫ ତାରିଖରେ ଟିଟିଲାଗଡ଼ ଥାନା ସମ୍ମୁଖରେ ୩୫ଟି ଦୋକାନ ଗୃହ ପୋଡି ଘଟଣାରେ ପୋଲିସ ଜଣଙ୍କୁ ଗିରଫ ସହ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହରିୟାଣା ରାଜ୍ୟ ନିବାସୀ ରାକେଶ କୁମାର ବୋଲି ପୋଲିସ କହିଛି। ସେ ତାଙ୍କ ଜଣେ ସାଙ୍ଗ ସହ ଯାଉଥିବାବେଳେ ବିଡି ପିଇ ଖାମଖିଆଲି ଭାବରେ ଜଳୁଥିବା ମାଚିସ ଫିଙ୍ଗି ଦେଇଥିଲେ। ଫଳରେ ନିଆଁ ଗୋଟିଏ ଦୋକାନରୁ ଆଉ ଗୋଟିଏ ଦୋକାନକୁ ମାଡିଯାଇ ସମସ୍ତ ଦୋକାନ ଜଳିଗଲା। ଏନେଇ ସୋମବାର ସନ୍ଧ୍ୟାରେ ଟିଟିଲାଗଡ଼ ଏସଡିପିଓ ଅଙ୍କିତା କୁମ୍ଭାର ଏବଂ ଆଇଆଇସି ଅବନୀ ସାହୁ ବିଷଦ ସୂଚନା ଦେଇଛନ୍ତି। ସୂଚନା ଯେ ଉକ୍ତ ଦିନ ଭୋରରୁ ନିଆଁ ଏଭଳି ଭାବରେ ବ୍ୟାପିଥିଲା ଯେ କେହି ଦୋକାନୀ ନିଜ ସାମଗ୍ରୀ ଉଦ୍ଧାର କରି ପାରି ନ ଥିଲେ। ଫଳରେ ଦୋକାନୀଙ୍କ ପ୍ରାୟ ୫୦ ଲକ୍ଷ ଟଙ୍କାର ସାମଗ୍ରୀ ଜଳିପୋଡି ଯାଇଛି। ଏହାକୁ ନେଇ କେହି ମନ୍ଦ ଉଦ୍ଦେଶ୍ୟ ରଖି ପେଟ୍ରୋଲ ଢାଳି ନିଆଁ ଲଗାଇବା ଯୋଗୁ ନିଆଁ ନିମିଷକ ମାତ୍ରକେ ବ୍ୟାପିଗଲା ବୋଲି ଦୋକାନୀ ଅଭିଯୋଗ କରିଥିଲେ। ଟିଟିଲାଗଡ଼ ପୋଲିସ ଏ ସମ୍ପର୍କରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ମାଚିସ କିମ୍ବା ବିଡିରେ ନିଆଁ ବ୍ୟାପିବା ସମ୍ଭବ ନୁହେଁ ବୋଲି ଦୋକାନୀମାନେ ଆଇଆଇସିଙ୍କୁ ସାକ୍ଷାତ ସହ ଅଧିକ ତଦନ୍ତ କରିବାକୁ ନିବେଦନ କରିଛନ୍ତି।

# 'ଅନ୍ୟ ପାଇଁ ମନରେ ସେବା ଭାବନା ଜାଗ୍ରତ କର'

## ନବନିର୍ବାଚିତ ବିଶପ ରାଇଟ୍ ରେଭରେଣ୍ଡ ଇମାନୁଏଲ ଦାନୀଙ୍କୁ ସମ୍ବର୍ଦ୍ଧନା



ବଲାଙ୍ଗୀର ମିଶନ୍ ପରିସରରେ ବିଶପ ଇମାନୁଏଲ ଦାନୀଙ୍କୁ ପାଛୋଟି ନିଆଯାଉଛି।

ବଲାଙ୍ଗୀର, ୨୭।୫ (ବୀରେନ୍ଦ୍ର କୁମାର ଝାଙ୍କର)

ଚର୍ଚ୍ଚ ଅଫ୍ ନର୍ଥ ଇଣ୍ଡିଆ ସମ୍ବଲପୁର ଧର୍ମାଞ୍ଚଳର ନବନିର୍ବାଚିତ ବିଶପ୍ ରାଇଟ୍ ରେଭରେଣ୍ଡ ଇମାନୁଏଲ ଦାନୀଙ୍କୁ ସୋମବାର ସନ୍ଧ୍ୟାରେ ବଲାଙ୍ଗୀର ମିଶନ୍ ପରିସରରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ମିଶନ୍ ସମ୍ମୁଖ ରାସ୍ତାରୁ ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟର ଶତାଧିକ ମହିଳା, ପୁରୁଷ, ଯୁବତୀ, ଯୁବକ ବିଶପ ଦାନୀଙ୍କୁ ପାଛୋଟି ନେଇଥିଲେ। ମିଶନ ପରିସରସ୍ଥ ସମାଜ ଗୃହରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ନବନିର୍ବାଚିତ ବିଶପ୍ ରାଇଟ୍ ରେଭରେଣ୍ଡ ଦାନୀ ଓ ତାଙ୍କ ସ୍ତ୍ରୀ ସନ୍ଧ୍ୟାରାଣୀ ଦାନୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସଭାରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବିଶପ ଦାନୀ ବକ୍ତବ୍ୟ ରଖି ସମାଜର ଉନ୍ନତି ପାଇଁ ପ୍ରତ୍ୟେକ ବ୍ୟକ୍ତି କିଭଳି ଉଦ୍ୟମ କରିବା ଜରୁରୀ ସେ ଉପରେ କହିଥିଲେ। ସମାଜର ପ୍ରତ୍ୟେକ ବ୍ୟକ୍ତିଙ୍କର ଉତ୍ତରଣରେ ହିଁ ସାମାଜିକ ଶାନ୍ତି ଓ ସହାବସ୍ଥାନ ପ୍ରତିଷ୍ଠିତ ହୋଇଥାଏ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ପାଇଁ ନିଜ ମନରେ ସେବା ଓ ପ୍ରେମ ଭାବନା ଜାଗ୍ରତ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଚାର୍ଯ୍ୟ, ରିଜୁ ଦୀପ, ସୁବାସ ବାରିକ, ବୁଦ୍ଧଦେବ ଛତ୍ରିଆ, ନିମୁଏଲ ନାଗ, ସୁନୀଲ ନନ୍ଦ, ବାହାଦୂର ହନୁମାନ, ରତନ ମହାରଣା, ଶୋଭନ ଦାସ, ପ୍ରଫେସର ପ୍ରମୋଦ ବାଗ, ଭଞ୍ଜ କିଶୋର ନାଗ, ପ୍ରଫେସର ଦାଉଦ୍ ସାଗର, ପ୍ରମୋଦ ବାରିକ, ଆଲେକଜାଣ୍ଡର ବାଗ, ଉପେନ୍ଦ୍ର ସାହୁ, ନରେଶ ମ୍ୟାଥୁସ୍, ଆନନ୍ଦ କୁମାର, ମହେନ୍ଦ୍ର ବାଗ, କିଶୋର ବାଗ, ଗମଲିୟେଲ ନାଗ, ସୁସନ୍ନମୟୀ ପାଲ, ସୁଜାତା କଲେତ, ଇବାନଞ୍ଜେଲିନ୍ ଦାସ, ଶୈଳବାସିନୀ ସାଗର, ଲତିକା ଦୀପ, ସୁନୀତା କୁମାର, ପଦ୍ମିନୀ ସାଗର, ରୋଜମେରି ବାଗ, ବିଦୁସୀ ସାହୁ, ଚାରୁଲତା ଶ୍ରୀଚୌହାନ, ଗୀତାଞ୍ଜଳି ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଆଥ୍‌ଲେଟିକ ଆସୋସିଏଶନର ପ୍ରତିଷ୍ଠା ସମାରୋହ

## ଲକ୍ଷ୍ୟ ହାସଲ ପାଇଁ ଛାତ୍ରୀଛାତ୍ର ପରିଶ୍ରମ ଓ ଅଧ୍ୟବସାୟ କରନ୍ତୁ



ଜଣେ ଅତିଥିଙ୍କଠାରୁ ଅନୁଷ୍ଠାନ ସଦସ୍ୟ ବାଳକରାମଙ୍କ ପ୍ରତିମୂର୍ତ୍ତି ଉପହାର ଗ୍ରହଣ କରୁଛନ୍ତି।

ଲୋଇସିଂହା, ୨୭।୫(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଝାରମୁଣ୍ଡା ଗ୍ରାମର ଆଥ୍‌ଲେଟିକ ଆସୋସିଏଶନର ୩୩ ତମ ପ୍ରତିଷ୍ଠା ସମାରୋହ ଅନୁଷ୍ଠାନ ପରିସରରେ ରବିବାର ପାଳିତ ହୋଇଯାଇଛି। କ୍ରୀଡ଼ା ଓ କ୍ରୀଡ଼ାବିତଙ୍କୁ ପ୍ରୋତ୍ସାହନ ଦେବା ସହ ଅନୁଷ୍ଠାନର ସେବା ମନୋବୃତ୍ତିକୁ ନେଇ ଅତିଥିମାନେ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ମୋବାଇଲଠାରୁ ଦୂରେଇ ରହି କଠିନ ପରିଶ୍ରମ ଓ ଅଧ୍ୟବସାୟ ବଳରେ ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ପ୍ରତିଷ୍ଠା ସମାରୋହ ସଭାରେ ଅନୁଷ୍ଠାନର ସଭାପତି ଶ୍ୟାମସୁନ୍ଦର ମେହେର ଅଧ୍ୟକ୍ଷତା କରିଥିଲେ। ଏଥିରେ ଅନୁଷ୍ଠାନର ପ୍ରତିଷ୍ଠାତା ସଭ୍ୟ ତଥା ଶ୍ରେଷ୍ଠ ପ୍ରଧାନ ଶିକ୍ଷକ ଦ୍ୱାଦଶ ପଧାନ ମୁଖ୍ୟ ଅତିଥି, ବିମଳଚରଣ ହୋତା ମୁଖ୍ୟବକ୍ତା, ସଦାନନ୍ଦ ଧରୁଆ ସମ୍ମାନିତ ଅତିଥି, ଅଧ୍ୟାପକ ଦୁଃଖିଶ୍ୟାମ ମେହେର, ଆସିଷ୍ଟାଣ୍ଟ କମିଶନର କମର୍ସିଆଲ ଏଣ୍ଡ ଜିଏସ୍‌ଟି ସୁଶୀଲ ମାରପାଚି, ପୋଲିସ ଅଧିକାରୀ ଗଙ୍ଗାଧର ମେହେର, ଦିଲୀପ ବେହେରା ପ୍ରମୁଖ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ପଧାନ ଅନୁଷ୍ଠାନ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନେଇ କାର୍ଯ୍ୟ କରୁଥିବାରୁ ସଦସ୍ୟଙ୍କୁ ପ୍ରଶଂସା କରିଥିଲେ। ଏହି ଅନୁଷ୍ଠାନର କଳେବର ବୃଦ୍ଧି କାମନା କରିଥିଲେ। ମା, ମାଟି ଓ ମାତୃଭାଷା ପ୍ରତି ସମସ୍ତଙ୍କ ଯଥେଷ୍ଟ ସମ୍ମାନ ରହୁ ବୋଲି କହିଥିଲେ। ମୁଖ୍ୟବକ୍ତା ହୋତା ସୁସ୍ଥ ଓ ନିରୋଗ ପାଇଁ କ୍ରୀଡା ସମେତ ଯୋଗ, ଯଜ୍ଞ ଓ ଆୟୁର୍ବେଦ ମାଧ୍ୟମ ବୋଲି କହିଥିଲେ। ଅଧ୍ୟାପକ ମେହେର ଆକର୍ଷିତ ବସ୍ତୁରୁ ଦୂରେଇ ରହି ଦୟା, ଧର୍ମ, କ୍ଷମା, ଶାନ୍ତି ଏହି ୪ ବାର୍ତ୍ତାକୁ ଅନୁପାଳନ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସ୍ୱତନ୍ତ୍ର ଅତିଥି ତଥା ଯୁବ ଅଧିକାରୀମାନେ କିପରି ଭାବେ ସେମାନେ ଲକ୍ଷ୍ୟସ୍ଥଳରେ ପହଞ୍ଚିଥିଲେ ଅନୁଭୂତି ପ୍ରକାଶ କରି ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସ୍ୱତନ୍ତ୍ର ଅତିଥି, ଗ୍ରାମର ବିଭିନ୍ନ ସରକାରୀ ପଦାଧିକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କାର୍ଯ୍ୟକର୍ତ୍ତା, ଖବରଦାତା ଏପରି ୩୫ ଜଣଙ୍କୁ ଅନୁଷ୍ଠାନ ପକ୍ଷରୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ସଚ୍ଚିଦାନନ୍ଦ ସାହୁ ସଭାକାର୍ଯ୍ୟ ସଂଯୋଜନା କରିଥିଲେ। ପୂର୍ବତନ ସରପଞ୍ଚ ସୁନୀଲ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ।




# ହ୍ରାସ ପାଉଛି ଭୂତଳ ଜଳସ୍ତର

ସୋନପୁର, ୨୭।୫(ମୃତ୍ୟୁଞ୍ଜୟ ଶତପଥୀ)



ସୁବର୍ଣ୍ଣପୁର ଜିଲାରେ ଭୂତଳ ଜଳସ୍ତର ହ୍ରାସ ପାଇବା ଏବେ ଚିନ୍ତାର କାରଣ ପାଲଟିଛି। ବୋରୱେଲରେ ୩ରୁ ୪ଏଚ୍‌ପି ମୋଟର ଲଗାଇ ଭୂତଳ ଜଳକୁ ଉତ୍ତୋଳନ କରି ଜମିକୁ ଜଳସେଚିତ କରାଯାଉଛି। ଭୂତଳ ଜଳ ବ୍ୟବହାର କରି ରବିଋତୁରେ ଲକ୍ଷାଧିକ ହେକ୍ଟର ଜମିରେ ଧାନଚାଷ ହେଉଛି। ଏଥିଯୋଗୁ ଏଭଳି ଚିନ୍ତାଜନକ ସ୍ଥିତି ସୃଷ୍ଟି ହୋଇଛି। ଗତ ୫ରୁ ୭ବର୍ଷ ମଧ୍ୟରେ ପ୍ରାୟ ୨ରୁ ୩ପ୍ରତିଶତ ଜଳସ୍ତର ହ୍ରାସ ପାଇଛି ବୋଲି ଜଳସମ୍ପଦ ବିଭାଗ ଓ ଜଳ ଆୟୋଗଙ୍କ ରିପୋର୍ଟରୁ ଜଣାପଡିଛି। ଜଳସ୍ତର ହ୍ରାସ ଯୋଗୁ ଅଧିକ ସମୟ ପର୍ଯ୍ୟନ୍ତ ନଳକୂପଗୁଡିକ ପାଣି ଯୋଗାଇପାରୁନାହିଁ। ପାଇପ ଯୋଗେ ବିଶୁଦ୍ଧ ପାନୀୟ ଜଳଯୋଗାଣ ଗ୍ରାମାଞ୍ଚଳରେ ସ୍ୱପ୍ନ ହୋଇରହିଛି। ସରକାରଙ୍କ ବୃହତ ପାନୀୟ ଜଳ ପ୍ରକଳ୍ପ ନିର୍ମାଣାଧୀନ ଅବସ୍ଥାରେ ରହିଛି। ଏଭଳି ସ୍ଥିତିରେ ଗ୍ରାମାଞ୍ଚଳରେ ଲୋକେ ନଳକୂପ ଉପରେ ଭରସା କରି ବିଶୁଦ୍ଧ ପାନୀୟ ଜଳ ପାଇ ପାରୁନାହାନ୍ତି। ପୂର୍ବବର୍ଷ ତୁଳନାରେ ଏବେ ବହୁ ପାନୀୟଜଳ ପ୍ରକଳ୍ପ ଏବଂ ନଳକୂପର ମରାମତି ଆବଶ୍ୟକ ହେଉଛି। ଭୂତଳ ଜଳସ୍ତର ହ୍ରାସ ପାଇବା ଏହାର କାରଣ ବୋଲି ଆଲୋଚନା ହେଉଛି।

ଏହି ଜିଲାରେ ୮୦ଭାଗ ଲୋକ ଚାଷ ଉପରେ ନିର୍ଭରଶୀଳ। ବିନିକା ଓ ଡୁଙ୍ଗୁରିପାଲି ବ୍ଲକରେ ଚାଷୀମାନେ ହୀରାକୁଦ କେନାଲ ଜଳ ଦ୍ୱାରା ଖରିଫ ଓ ରବି ଧାନଚାଷ କରନ୍ତି। ହରିହରଯୋର ମଧ୍ୟମ ଜଳସେଚନ ପ୍ରକଳ୍ପ ଦ୍ୱାରା ଉଲୁଣ୍ଡା ଓ ବୀରମହାରାଜପୁର ବ୍ଲକର କିଛି ଅଞ୍ଚଳରେ ରବି ଧାନ ଚାଷ ହୋଇଥାଏ। ବାକି ସୋନପୁର, ତରଭା, ଉଲୁଣ୍ଡା, ବୀରମହାରାଜପୁର, ବିନିକା ଓ ଡୁଙ୍ଗୁରିପାଲି ବ୍ଲକର କେନାଲ ଶେଷ ଅଞ୍ଚଳରେ ଚାଷୀ ବୋରୱେଲ ଦ୍ୱାରା ରବିଧାନ ଚାଷ କରୁଛନ୍ତି।

ସୂଚନା ଅନୁଯାୟୀ ଜିଲାରେ ୩ହଜାର ୩୦୦ ବୋରୱେଲ କାର୍ଯ୍ୟକ୍ଷମ ଅଛି। ପୁଣି ନୂତନ ଭାବେ ୪୦୦ଟି ବୋରୱେଲ ଖୋଳାଯାଇଛି। ଉଠା ଜଳସେଚନ ବିଭାଗ ପକ୍ଷରୁ ଅନୁସୂଚିତ ଜାତି, ଜନଜାତି ଓ ଗରିବ ଶ୍ରେଣୀର ଚାଷୀଙ୍କ ପାଇଁ ମାତ୍ର ୧୦ହଜାର ଟଙ୍କା ବିନିମୟରେ ସବ୍‌ସିଡିରେ ବୋରୱେଲ ଖୋଳାଯାଉଛି। ସାଧାରଣ ବର୍ଗର ଚାଷୀ ମାତ୍ର ୨୦ହଜାର ଟଙ୍କା ଜମା କରି ଆବେଦନ କଲେ ସେମାନଙ୍କୁ ସେହି ସୁବିଧା ମିଳୁଛି। ସରକାର ଏ ବାବଦରେ ପ୍ରତି ପ୍ରକଳ୍ପ ପିଛା ସାଢେ ୩ଲକ୍ଷରୁ ଊର୍ଦ୍ଧ୍ୱ ଖର୍ଚ୍ଚ କରୁଛନ୍ତି।

## ବୋରୱେଲରେ ହେଉଛି ରବିଧାନ ଚାଷ

ତେଣୁ ଚାଷୀ ଏଥିପ୍ରତି ଅଧିକ ଆକର୍ଷିତ ହେଉଛନ୍ତି। ବୋରୱେଲ ଦ୍ୱାରା ଅଣଧାନ ଚାଷ କରିବା ନିୟମ ଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଧାନ ବିକ୍ରି ସହଜ ହେଉଥିବାରୁ ଚାଷୀ ଧାନ ଚାଷ କରୁଛନ୍ତି। ଧାନ ଓ ଆଖୁଚାଷ ପାଇଁ ପ୍ରଚୁର ଜଳର ଆବଶ୍ୟକ ହୋଇଥାଏ। ତେଣୁ ଭୂତଳ ଜଳ କ୍ରମାଗତଭାବେ ହ୍ରାସ ପାଇବାରେ ଲାଗିଛି। ଖାଲି ଯେ ଚାଷୀମାନେ ବୋରୱେଲ ଖୋଳି ଚାଷଜମିକୁ ଜଳସେଚନ କରୁଛନ୍ତି ତାହା ନୁହେଁ, ଜଳ ଉତ୍ସଭାବେ ପ୍ରତି ଘରେ ଗଭୀର ନଳକୂପ ଖୋଳାଯାଉଛି। ଏହି ପରିପ୍ରେକ୍ଷୀରେ ସବୁ ପାନୀୟ ଜଳଉତ୍ସକୁ ଅନୁଧ୍ୟାନ କରିବା ସହିତ ନୂତନ ଜଳ ଉତ୍ସ ସୃଷ୍ଟି କରିବା ଲାଗି ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି। ତରଭା, ସୋନପୁର, ବୀରମହାରାଜପୁର ଓ ଉଲୁଣ୍ଡା ବ୍ଲକରେ ନଳକୂପଗୁଡିକ ଅଚଳ ହୋଇ ପଡିଥିବା ବେଳେ ସରକାରଙ୍କ ବସୁଧା ଓ ଜଳ ଜୀବନ ମିଶନ ଯୋଜନାରେ ପାଇପ ଯୋଗେ ବିଶୁଦ୍ଧ ପାନୀୟ ଜଳ ସବୁ ପରିବାର ପାଖରେ ପହଞ୍ଚି ପାରିନାହିଁ। ତେଣୁ ବୋରୱେଲ ଖୋଳିଥିବା ଚାଷୀ ରବିରେ ଧାନ ଓ ଆଖୁ ଚାଷ ନ କରି କମ୍ ପାଣିରେ ପନିପରିବା ଓ ଫଳ ମୂଳ ଚାଷ କରିବା ଆବଶ୍ୟକ।

# ମଣ୍ଡିରେ ବିକ୍ରି ହେଉନି ଧାନ



ଧାନବିକ୍ରି ଦାବିରେ ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀବୃନ୍ଦ ।

ବରଗଡ଼,୨୭।୫(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ରବିଧାନ ସଂଗ୍ରହ ପ୍ରକ୍ରିୟା ଚାଲିଛି। ଗତ ୧୦ତାରିଖରୁ ଜିଲାର ଅତାବିରା ନିୟନ୍ତ୍ରୀତ ବଜାର କମିଟି (ଆର୍‌ଏମ୍‌ସି) ଅଧୀନ ମଣ୍ଡିରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇଛି। ପରବର୍ତ୍ତୀ ସମୟରେ ଜିଲାର ବରଗଡ଼ ଏବଂ ପଦ୍ମପୁର ଆର୍‌ଏମ୍‌ସି ଅଧୀନ ମଣ୍ଡିଗୁଡ଼ିକ ଖୋଲିଛି। ତେବେ ଅନେକ ମଣ୍ଡିରେ ସଂଗୃହୀତ ହୋଇଥିବା ଧାନକୁ କ୍ରୟ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ନେଇ ସୋମବାର ଜିଲାର ବରପାଲି ବ୍ଲକ ଅନ୍ତର୍ଗତ ତୁଲଣ୍ଡି ଧାନକ୍ରୟ କେନ୍ଦ୍ର ଅଧୀନ ଚାଷୀମାନେ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଫେରାଦ ହୋଇ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଧାନକ୍ରୟ କେନ୍ଦ୍ରରେ ସଂଗୃହୀତ ଧାନ କ୍ରୟ କରିବା ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ସେମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି।

## ଜିଲାପାଳଙ୍କୁ ଫେରାଦ ହେଲେ ଚାଷୀ

ପ୍ରକାଶ ଯେ, ଗତ ୧୫ ତାରିଖରୁ ତୁଲଣ୍ଡି ଧାନକ୍ରୟ କେନ୍ଦ୍ର(ମଣ୍ଡି) ଖୋଲିଛି। ଉକ୍ତ ମଣ୍ଡିରେ ଏ ପର୍ଯ୍ୟନ୍ତ ପ୍ରାୟ ୬ ହଜାର କୁଇଣ୍ଟାଲ ଧାନ ସଂଗୃହ ହୋଇଛି। ମଣ୍ଡିରେ ସଂଗୃହୀତ ସମସ୍ତ ଧାନ ଉତ୍ତମ ଗୁଣମାନର ଏବଂ ବିକ୍ରିଯୋଗ୍ୟ ବୋଲି ଚାଷୀମାନେ କହିଛନ୍ତି। ସେହିପରି ମଣ୍ଡିକୁ ଆଣିଥିବା କେତେକ ଚାଷୀଙ୍କ ଧାନକୁ ଶୁଖାଇ ଆଣିବା ପାଇଁ କହିବାରୁ ଚାଷୀମାନେ ତାକୁ ପୁଣି ଫେରାଇ ନେଇଥିଲେ ଏବଂ ଶୁଖାଇ ମଣ୍ଡିକୁ ଆଣିଥିଲେ। ଏହାସତ୍ତ୍ୱେ ମଣ୍ଡିରେ ସଂଗୃହୀତ ଧାନକୁ କ୍ରୟ କରାଯାଉ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ମଣ୍ଡିକୁ ଆଣିବା ସତ୍ତ୍ୱେ ଧାନକୁ କିଣାଯାଉ ନ ଥିବା ଯୋଗୁ ସେମାନେ ଧାନ ଅମଳରେ ନିୟୋଜିତ ଶ୍ରମିକଙ୍କୁ ସେମାନଙ୍କ ପାରିଶ୍ରମିକ ଦେଇ ପାରୁ ନ ଥିବା ଚାଷୀମାନେ କହିଛନ୍ତି। ସେହିପରି ଖରାତାତି ସହି ମଣ୍ଡିରେ ଚାଷୀମାନେ ଧାନ ଜଗି ରହୁଛନ୍ତି ଏବଂ ଆସନ୍ତା ଖରିଫ ଫସଲ ପାଇଁ ଚାଷ କାର୍ଯ୍ୟ ପ୍ରସ୍ତୁତି ମଧ୍ୟ ଆରମ୍ଭ କରି ପାରୁ ନ ଥିବା ଚାଷୀମାନେ ପ୍ରକାଶ କରିଛନ୍ତି। ଏଭଳିସ୍ଥଳେ ମଣ୍ଡିରେ ସଂଗୃହୀତ ଧାନକୁ ତୁରନ୍ତ କିଣାଯିବା ସହିତ ବିକ୍ରିଧାନର ପ୍ରାପ୍ୟ ପ୍ରଦାନ କରିବାକୁ ଚାଷୀମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ସ୍ଥାନୀୟ ସରପଞ୍ଚ ମାନସ କୁମାର ବଢ଼ାଇଙ୍କ ସମେତ ବନବସ ସାହୁ, ପ୍ରମୋଦ ସାହୁ, ସୁଦାମ ସାହୁ, ରଘୁନାଥ ସାହୁଙ୍କ ସମେତ ଅନେକ ଚାଷୀଙ୍କ ସ୍ୱାକ୍ଷର ସ୍ମାରକପତ୍ରରେ ରହିଛି।



## ସଂକ୍ଷେପରେ

### ଟ୍ରେନ ଧକ୍କାରେ ଜଣେ ମୃତ

ରାଉରକେଲା,୨୭।୫(ସଙ୍ଗୀତା ଜେନା)

ରାଉରକେଲା ଜିଆର୍‌ପି ଅନ୍ତର୍ଗତ ଏସ୍‌ଟିଆଇ ନିକଟରେ ସୋମବାର ସନ୍ଧ୍ୟାରେ ଟ୍ରେନ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଏ ନେଇ ପୋଲିସ ମୃତଦେହ ଜବତ କରିବା ସହ ଅପମୃତ୍ୟୁ ମାମଲା(ନଂ .୩୫/୨୪) ରୁଜୁ କରି ତଦନ୍ତ କରୁଛି। ଖବର ଲେଖା ସୁଦ୍ଧା ରାତି ୯ଟା ମୃତକଙ୍କ ପରିଚୟ ମିଳିପାରି ନାହିଁ। ମୃତଦେହ ଆରଜିଏଚ ମାର୍ଗ ହାଉସରେ ରଖାଯାଇଛି।

### ଜୁନ୍ ୧୧ରୁ ଦକ୍ଷିଣ- ପୂର୍ବ ରେଳବାଇ ଯାତ୍ରୀବାହୀ ଟ୍ରେନ ସମୟ ପରିବର୍ତ୍ତନ

ରାଉରକେଲା, ୨୭।୫(ସଙ୍ଗୀତା ଜେନା)

ଦକ୍ଷିଣ ପୂର୍ବ ରେଳପଥ ଅଧୀନରେ ଚାଲୁଥିବା ଟ୍ରେନ ଗୁଡିକର ସମୟ ଜୁନ୍ ୧୧ରୁ ପରିବର୍ତ୍ତନ ହେବାକୁ ଯାଉଛି। ଏ ନେଇ ସୋମବାର ରେଳ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଚକ୍ରଧରପୁର ରେଳମଣ୍ଡଳ ଅନ୍ତର୍ଗତ ରାଉରକେଲା, ବନ୍ଧମୁଣ୍ଡା, ଝାଡଖଣ୍ଡରେ ଥିବା ଷ୍ଟେଶନ ଗୁଡିକରେ ଉକ୍ତ ଟ୍ରେନର ପରିବର୍ତ୍ତିତ ସମୟ ସାରଣୀ ଘୋଷଣା କରାଯିବ। ସ୍ୱତନ୍ତ୍ର କାରଣ ଯୋଗୁ ଏପରି ସମୟ ପରିବର୍ତ୍ତନ କରାଯାଇଥିବା ରେଳବାଇ କର୍ତ୍ତୃପକ୍ଷଙ୍କ ତରଫରୁ କୁହାଯାଇଛି।

### କଂଗ୍ରେସ ପକ୍ଷରୁ ନେହରୁଙ୍କୁ ଶ୍ରଦ୍ଧାଞ୍ଜଳି

ରାଉରକେଲା, ୨୭।୫(ସଙ୍ଗୀତା ଜେନା)

ରାଉରକେଲା ଜିଲା କଂଗ୍ରେସ ପକ୍ଷରୁ କୋଏଲନଗର ଠାରେ ପ୍ରଥମ ପ୍ରଧାନମନ୍ତ୍ରୀ ଜବାହାର ଲାଲ ନେହରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଡିସିସି ସଭାପତି ରବି ରାୟଙ୍କ ନେତୃତ୍ୱରେ ସାବିର ହୁସେନ୍, ଅଜୟ ଖାଲକୋ, ସରୋଜ ଲେଙ୍କା, ରମେଶ ଗୁପ୍ତା, ରାଜେଶ ଟପ୍ପୋ ସମେତ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ।

### ସାମାଜିକ କର୍ମୀଙ୍କ ବିୟୋଗରେ ଶୋକସଭା

ରାଉରକେଲା,୨୭।୫(ଦିନେଶ ମିଶ୍ର)

ଛେଣ୍ଡ ସ୍ଥିତ ଗୋପବନ୍ଧୁ ପାଠାଗାର ପରିସରରେ ଅବସରପ୍ରାପ୍ତ କର୍ମଚାରୀ ସଂଘ ଓ ପାଠାଗାରର ମିଳିତ ଆନୁକୂଲ୍ୟରେ ଏକ ଶୋକସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ସ୍ୱର୍ଗତ ଫକୀର ମୋହନ ନାୟକଙ୍କ ବିୟୋଗରେ ଏହି ମିଳିତ ଶୋକସଭା ଉଭୟ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଶଙ୍କର ପ୍ରସାଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ହୋଇଥିଲା। ଉକ୍ତ ସଭାରେ ସୁବାଷ ଚନ୍ଦ୍ର ମହାପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସଦସ୍ୟ ପ୍ରତାପ କୁମାର ମହାନ୍ତି, ଲକ୍ଷ୍ମଣନାଥ ଦାସ, ଅଜୟ ମହାନ୍ତି, ଗୋପାଳ ପ୍ରସାଦ ଜେନା ପ୍ରମୁଖ ସ୍ୱର୍ଗତ ନାୟକଙ୍କ ସ୍ମୃତି ଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସଭାରେ ଉଭୟ ଅନୁଷ୍ଠାନର ରମାକାନ୍ତ ଷଡଙ୍ଗୀ, ଧ୍ରୁବଚରଣ ନାୟକ, କୃଷ୍ଣଚନ୍ଦ୍ର ତ୍ରିପାଠୀ, ନିମାଇଁ ପ୍ରସାଦ ରାଉତ, କୈଳାସ ଚନ୍ଦ୍ର ସାମଲ, ସୁରେନ୍ଦ୍ର ପଣ୍ଡା, ବିଶ୍ୱନାଥ ଜେନା, ମୁରାରୀ ପ୍ରଧାନ, ରବୀନ୍ଦ୍ର ନାଥ ସାହୁ, ତ୍ରିଲୋଚନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ହରିନାମ ନଗର ସଙ୍କୀର୍ତ୍ତନ ଆରମ୍ଭ

ରାଉରକେଲା,୨୭।୫(ଦିନେଶ ମିଶ୍ର)

ରାଉରକେଲା ଇସ୍କନ ପକ୍ଷରୁ ହରିନାମ ନଗର ସଙ୍କୀର୍ତ୍ତନ ଆରମ୍ଭ ହୋଇଯାଇଛି। ଏହି ଅବସରରେ ଇସ୍କନର ସଞ୍ଚାଳକ ବୈଷ୍ଣବ ଗୋପାଳ ଦାସ ମହାରାଜଜୀ ଉପସ୍ଥିତ ରହି ପ୍ରାତଃ ସମୟରେ ଭଗବାନ ଶ୍ରୀକୃଷ୍ଣଙ୍କ ବାଲ୍ୟଭୋଗ ସହ ସକାଳ ଧୂପ ଅର୍ପଣ କରିଥିଲେ। ପରେ ରାଧାବଲ୍ଲଭ ଗୀତାପାଠ କରାଯାଇ ଆଳତି ସମର୍ପଣ କରାଯାଇଥିଲା। ସକାଳ ସାଢେ ୬ଟାରେ ଇସ୍କନ ପକ୍ଷରୁ ଶତାଧିକ ଭକ୍ତଙ୍କ ଉପସ୍ଥିତିରେ ହରିନାମ ନଗର ସଙ୍କୀର୍ତ୍ତନ ଆରମ୍ଭ ହୋଇ ସିଭିଲଟାଉନସିପ୍ ଅଞ୍ଚଳରେ ଭ୍ରମଣ କରିଥିଲା। ଅନୁଷ୍ଠା ପକ୍ଷରୁ ରାଧାକୃଷ୍ଣ ଓ ପ୍ରଭୁପାଦଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇ ସିଭିଲଟାଉନସିପ ମୁଖ୍ୟ ମାର୍ଗ ହୋଇ କଲୋନୀର ବିଭିନ୍ନ ଅଞ୍ଚଳରେ ହରିନାମ ସଙ୍କୀର୍ତ୍ତନ ପରିବେଷଣ କରାଯାଇଥିଲା।

# ସଂକୀର୍ଣ୍ଣ ଅଞ୍ଚଳରେ ନିର୍ମାଣ ହେଉଛି ଉଚ୍ଚ ଅଟ୍ଟାଳିକା

## ଅଗ୍ନିକାଣ୍ଡଜନିତ ଦୁର୍ଘଟଣାକୁ ଆମନ୍ତ୍ରଣ

ରାଉରକେଲା, ୨୭।୫( ସଙ୍ଗୀତା ଜେନା)

ରାଉରକେଲା ସହରର ସଂକୀର୍ଣ୍ଣ ଗଳିକନ୍ଦିରେ ନିର୍ମାଣ ହେଉଛି ବହୁତଳବିଶିଷ୍ଟ କୋଠା। ଏହା ଅଗ୍ନିକାଣ୍ଡଜନିତ ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି। ଜଗଦା ଅଞ୍ଚଳରେ ଦିନୁକ ଦିନ ସଂକୀର୍ଣ୍ଣ ଓ ଅଣଓସାରିଆ ଗଳିଗୁଡ଼ିକରେ ବହୁତଳ କୋଠା ନିର୍ମାଣ ହେଉଛି। ହଠାତ୍ ଅଗ୍ନିକାଣ୍ଡ ଘଟିଲେ ଦମକଳବାହିନୀକୁ ନିଆଁଲିଭାଇବା କଷ୍ଟକର ହୋଇପଡ଼ିବ। ସେହିପରି ସହରର ବିଭିନ୍ନ ଗଳିକନ୍ଦିରେ ନର୍ସିଂହୋମ୍ ଏବଂ କ୍ଲିନିକାଲ ଏଷ୍ଟାବ୍ଲିଶମେଣ୍ଟ ଗଢ଼ିଉଠିଛି। ସିଭିଲଟାଉନଶିପ୍, କୋଏଲନଗର, ବାସନ୍ତୀକଲୋନୀ, ଛେଣ୍ଡ, ଝିରପାଣି, ଜଗଦା ଭଳି ଅନେକ ସ୍ଥାନରେ ଛୋଟ ଛୋଟ ଘରଗୁଡ଼ିକରେ ଏପରି ନର୍ସିଂହୋମ ପରିଚାଳିତ ହେଉଛି। ୨୦୧୮ରେ ସିଭିଲଟାଉନଶିପ୍ ସ୍ଥିତ ଏକ ଘରୋଇ ନର୍ସିଂ ହୋମ୍‌ରେ ନିଆଁ ଲାଗି ଜଣେ


ନିର୍ମାଣ ହେଉଥିବା ଉଚ୍ଚ ଅଟ୍ଟାଳିକା।

ନାବାଳକ ରୋଗୀଙ୍କ ମୃତ୍ୟୁ ଘଟିଥିଲା। ଉକ୍ତ ନର୍ସିଂହୋମ ବିନା ଅଗ୍ନିସୁରକ୍ଷା ଅନୁମତିରେ ଚାଲୁଥିବା ଅଭିଯୋଗ ହୋଇଥିଲା। ଜଗଦାର ଜଣେ ସ୍ଥାନୀୟ ବାସିନ୍ଦା ପ୍ରମୋଦ ବୈଠାଲୁଙ୍କ କହିବା ଅନୁସାରେ, ବହୁ ବର୍ଷରୁ ସହରରେ ଗୃହନିର୍ମାଣ ପ୍ରକଳ୍ପ ଆସିନାହିଁ। ଫଳରେ ବିଲ୍‌ଡର ଓ ଜମି ମାଫିଆମାନେ ଏହାର ସୁଯୋଗ ନେଇ ସଂକୀର୍ଣ୍ଣ ଜାଗାରେ ଉଚ୍ଚ ଅଟ୍ଟାଳିକା ଡିଜାଇନ ଦେଉଛନ୍ତି। ଏଥିପ୍ରତି ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନେବା ଉଚିତ ବୋଲି ବୈଠାଲୁ କହିଥିଲେ। ଅଗ୍ନିଶମ ବିଭାଗ ଆସିଷ୍ଟାଣ୍ଟ ଫାୟାର ଅଫିସର ସଂଗ୍ରାମ ହାଁସଦାଙ୍କୁ ପଚାରିବାରୁ, ସଂକୀର୍ଣ୍ଣ ଅଞ୍ଚଳରେ କୋଠା ନିର୍ମାଣ ପାଇଁ ଅନୁମତି ନେବା ଅନିବାର୍ଯ୍ୟ। ଏହାର ଯାଞ୍ଚ ନିୟମିତ କରାଯିବା ଉଚିତ। ବହୁତଳବିଶିଷ୍ଟ କୋଠା ବା ଆପାର୍ଟମେଣ୍ଟରେ ଅଗ୍ନିସୁରକ୍ଷା ନିୟମ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶାବଳୀ ରହିଛି। ରାଉରକେଲାରେ ଖୁବ୍‌ଶୀଘ୍ର ଆପାର୍ଟମେଣ୍ଟଗୁଡ଼ିକରେ ଯାଞ୍ଚ କରାଯିବ। ଏଥିପାଇଁ ଏକ ୩ ଜଣିଆ ସ୍କ୍ୱାଡ୍ ଅଗ୍ନିଶମ ବିଭାଗ ପକ୍ଷରୁ ଗଠନ କରାଯାଇଛି। ଜଗଦା ସ୍ଥିତ ୧୫ଟି କ୍ଲିନିକାଲ୍ ଏଷ୍ଟାବ୍ଲିଶମେଣ୍ଟରେ ଯାଞ୍ଚ କରାଯାଇ ଅଗ୍ନିସୁରକ୍ଷା ପାଳନ ହେଉଥିବା ତଥ୍ୟ ରେକର୍ଡ କରାଯାଇଛି। ଉକ୍ତ ନର୍ସିଂହୋମ୍ କର୍ତ୍ତୃପକ୍ଷଙ୍କୁ ଏ ନେଇ ଚିଠି କରାଯାଇଛି। ତେବେ ବହୁତଳ କୋଠାଗୁଡ଼ିକ ଉପରେ ଅଧିକ ତନଖି କରାଯିବ ବୋଲି ହାଁସଦା କହିଥିଲେ।


ଛାତ୍ରୀଛାତ୍ରଙ୍କୁ ବେଲ୍ଟ ପ୍ରଦାନ କରାଯାଉଛି।

### ଟାଏକୋଣ୍ଡୋ ସଂଘ ପକ୍ଷରୁ ବେଲ୍ଟ ପ୍ରଦାନ

ରାଉରକେଲା, ୨୭।୫(ସଙ୍ଗୀତା ଜେନା)

ରାଉରକେଲା, ବନ୍ଧମୁଣ୍ଡା, ସିଭିଲ ଟାଉନ୍‌ସିପ୍‌ଠାରେ ନିଃଶୁଳ୍କ ଟାଏକୋଣ୍ଡୋ ପ୍ରଶିକ୍ଷାର୍ଥୀଙ୍କୁ ବେଲ୍ଟ ପ୍ରଦାନ କରାଯାଇଛି। ରବିବାର ଆୟୋଜିତ କାର୍ଯ୍ୟକ୍ରମରେ ସଂଘ ସମ୍ପାଦକ ରାମଚନ୍ଦ୍ର ସାହୁ, ମୁନୁ ପଟେଲ, ରାଉରକେଲା ଟାଏକୋଣ୍ଡୋ ଏକାଡେମୀର କୋଚ୍ ଗୋଲକ ପ୍ରସାଦ ବେହେରା ପ୍ରମୁଖ ୩୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ବେଲ୍ଟ ପ୍ରଦାନ କରିଥିଲେ। ପରୀ ଦାସ, ଲକ୍ଷ୍ମୀ ସୁରୀନ, ଧରମ କିଶୋର ମିଞ୍ଜ, ରାମଲାଲ ମୁଣ୍ଡା, ପ୍ରତୀକ ରାୟ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ପ୍ରଶିକ୍ଷାର୍ଥୀମାନେ ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ।

# ଗରିବଙ୍କ ସେବା ହିଁ ମାଧବ ସେବା


କାର୍ଯ୍ୟକ୍ରମରେ ଉପସ୍ଥିତ ଅନ୍ତେବାସୀ ଓ ଶିଶୁ କାଳାକର।

ରାଉରକେଲା,୨୭।୫(ଦିନେଶ ମିଶ୍ର)

ଜଗଦା ସ୍ଥିତ ମାନବ ସେବା ପ୍ରତିଷ୍ଠାନ ପରିସରରେ ଅନ୍ୱେଷା ଅନୁଷ୍ଠାନର ୧୦୧ତମ ସାମୂହିକ ଜନ୍ମଦିନ ଅଧ୍ୟକ୍ଷ ରାଜେନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାଧାନରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମାନବ ସେବା ସଙ୍ଗଠନର ମୁଖ୍ୟ ଇଞ୍ଜିନିୟର କୁମାର ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଗରୀବଙ୍କ ସେବା ହିଁ ମାଧବ ସେବା ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ। ସମ୍ମାନିତ ଅତିଥିଭାବେ ରୋଟାରୀ କ୍ଲବ ରାଉରକେଲାର ସଭାପତି ଗୌରୀ ନାଗ ଉପସ୍ଥିତ ଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ସାହିତ୍ୟିକ ଉପେନ୍ଦ୍ର ବସ୍ତିଆ, ପୂର୍ଣ୍ଣଚନ୍ଦ୍ର ବେହେରା, ଗୌରୀ କୁମ୍ଭାର, ଜୟ ପ୍ରକାଶ ଜୋସିଲା ପ୍ରମୁଖ ଯୋଗଦେଇ ଅନୁଷ୍ଠାନର ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏହି ଅବସରରେ ମାନବ ସେବା ପ୍ରତିଷ୍ଠାନର ଅନ୍ତେବାସୀ, ଶିଶୁ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପରେ ସାମୂହିକ କେକ୍ କଟାଯାଇ ଥିଲା। ମାନବ ସେବା ପ୍ରତିଷ୍ଠାନର ମୁଖ୍ୟ ପ୍ରଫେସର ଶଶିକାନ୍ତ ଆଚାର୍ଯ୍ୟ ଓ ସଞ୍ଚାଳିକା ହେମନ୍ତ ତାଣ୍ଡିଆ, ତରୁଲତା ବିଶ୍ୱାଳ, ରଞ୍ଜନ ସାହୁ, ନିବେଦିତା ହଳଧର, ଜନ୍ମେଜୟ ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ କୋଷାଧ୍ୟକ୍ଷ ଦିବାକର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ସୁରତରଙ୍ଗ ସଙ୍ଗୀତ କାର୍ଯ୍ୟକ୍ରମ ଉଦ୍‌ଯାପିତ



ରାଉରକେଲା,୨୭।୫(ଦିନେଶ ମିଶ୍ର)

ସେକ୍ଟର-୧୯ ସ୍ଥିତ ରାଉରକେଲା କ୍ଲବଠାରେ ସହରର ସାମାଜିକ ଅନୁଷ୍ଠାନ ସେୟାର ଶାଖା ସଂସ୍ଥା ପକ୍ଷରୁ ସୁରତରଙ୍ଗ ସଙ୍ଗୀତ କାର୍ଯ୍ୟକ୍ରମ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବରେ ଡା. ଜୟନ୍ତ ଆଚାର୍ଯ୍ୟ ଓ ବଲଜିତ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ସଦସ୍ୟା ଶ୍ରାବଣୀ ମହାନ୍ତି ସିଂହ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ଉତ୍ସବରେ ଅନୀଲ ମଲ୍ଲିକ ମଞ୍ଚପରିଚାଳନା କରିଥିବାବେଳେ ଅନୁଷ୍ଠାନର ଯୋଗେନ୍ଦ୍ର ସିହ୍ନା, ସି.ସି ସାବତ, ନିବେଦିତା ସ୍ୱାଇଁ, ଧୀରେନ୍ଦ୍ର ମିଶ୍ର, ଲୀନା ସେନାପତି, ଶାଶ୍ୱତୀ ମିଶ୍ର, ବନୋଜ ଦାସ, ବସନ୍ତ ସ୍ୱାଇଁ, ଦିଲୀପ ପରିଡ଼ା, ମୀନାକ୍ଷୀ ସୁତାର ପ୍ରମୁଖ ଗୀତ ପରିବେଷଣ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଦିଲୀପ କୁମାର ପରିଡା ସମସ୍ତ କର୍ମକର୍ତ୍ତାଙ୍କୁ ସ୍ୱାଗତ କରିବା ସହିତ ଅନୁଷ୍ଠାନର ଆଭିମୁଖ୍ୟ ସମ୍ପର୍କରେ ମତ ପ୍ରକାଶ କରିଥିଲେ। ସହରର ପ୍ରତିଷ୍ଠିତ ସାକ୍ସୋଫୋନ ଓ ବଂଶୀବାଦକ କଳାକାର ଡା. ଜୟନ୍ତ ଆଚାର୍ଯ୍ୟ ଓ ବଲଜିତ ସିଂହ ବାଦ୍ୟଯନ୍ତ୍ର ଦ୍ୱାରା ସମସ୍ତ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଅନୁଷ୍ଠାନର ଲୋକସମ୍ପର୍କ ଅଧିକାରୀ ମନୋଜ ନାୟକ, ବସନ୍ତ ସ୍ୱାଇଁ, ଉତ୍ତମ ଖଟୁଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସତ୍ୟବ୍ରତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଯୁକ୍ତ ୨ କୃତୀ ପ୍ରତିଯୋଗୀ ସମ୍ବର୍ଦ୍ଧିତ

ରାଉରକେଲା,୨୭।୫(ଦିନେଶ ମିଶ୍ର)

ପାନପୋଷ ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରେ ଯୁକ୍ତ ୨ ପରୀକ୍ଷାରେ କୃତିତ୍ୱ ଅର୍ଜନ କରଥିବା ବିଦ୍ୟାର୍ଥୀଙ୍କୁ ସୋମବାର ସମ୍ବର୍ଦ୍ଧିତ କରାଯାଇଛି। ବିଜ୍ଞାନରେ ୫୨୦ ନମ୍ବର ରଖି ମହମ୍ମଦ ରସିଦ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ସଞ୍ଜୟ ସାହୁ ୫୦୮ରେ ଦ୍ୱିତୀୟ ଓ ୫୦୧ ନମ୍ବର ରଖି ଖଗେଶ୍ୱର ମହାନ୍ତି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିଭଳି କଳାରେ ଉଜ୍ଜଳା ଜୟପୁରିଆ ୫୩୭ ନମ୍ବର ରଖି ପ୍ରଥମ, ୫୩୩ ରେ ରଶିକା କୁମ୍ଭାରୀ ଦ୍ୱିତୀୟ ଓ ୫୩୧ ନମ୍ବରରେ ଆଶିକା ସାହୁ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବାଣିଜ୍ୟରେ ସୁମନ ସେଠୀ ୫୫୨ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଜନ୍ଦନ କୁମାର ସିଂହ ୫୪୮ରେ ଦ୍ୱିତୀୟ ଓ ୫୪୪ ନମ୍ବର ରଖି ମୁକ୍ତି କୁମାରୀ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସମସ୍ତ କୃତି ପ୍ରତିଯୋଗୀଙ୍କୁ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ବିଜୟ କୁମାର ବେହେରା ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିଲେ। ସମ୍ବର୍ଦ୍ଧିତ ଉତ୍ସବରେ ଅଧାପକ ମାୟାଧର ବାରିକ, ଅଜୟ କୁମାର ବେହେରା, ଦୀପେନ ରାୟ ପ୍ରମୁଖ ଉପସ୍ଥିତ ଥିଲେ।


ଅଧାପକଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

### ସୋସିଆଲ ମିଡିଆରେ ଘୁରି ବୁଲୁଛି ଜୁଆ ଟୁଇଟ୍

ରାଉରକେଲା,୨୭।୫(ସଙ୍ଗୀତା ଜେନା)

ବିଶ୍ରା ସମେତ ସୁନ୍ଦରଗଡ଼ ସୀମାନ୍ତ ଅଞ୍ଚଳରେ ଦିନକୁ ଦିନ ଜୁଆ ଖେଳ ବୃଦ୍ଧି ପାଉଛି। ଏ ନେଇ ସୋସିଆଲ ମିଡିଆରେ ମୁଖ୍ୟମନ୍ତ୍ରୀ, ପୋଲିସ ଡିଜିଙ୍କୁ ଟୁଇଟ୍ କରାଯାଇଥିବା ଏକ ପୋଷ୍ଟ ଘୁରି ବୁଲୁଛି। ମାତ୍ର ଏହାର ସତ୍ୟତା ଜଣା ପଡ଼ି ନାହିଁ। ଏ ସମ୍ପର୍କରେ ଡିଏସ୍‌ପି ନିର୍ମଳ ମହାପାତ୍ରଙ୍କୁ ପଚରାଯିବାରୁ, ସୂଚନା ମିଳିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ବିଶ୍ରା ଓ ସୀମାନ୍ତ ଅଞ୍ଚଳରେ ପୋଲିସ ପାଟ୍ରୋଲିଂ କରାଯାଉଛି ବୋଲି ମହାପାତ୍ର କହିଛନ୍ତି।

### ମୟୂରଭଞ୍ଜରେ ନିର୍ବାଚନ ପରିଚାଳନା ପାଇଁ ପୋଲିସ ଜିଲାରୁ ଗଲେ ଅଧିକାରୀ,ହୋମଗାର୍ଡ

ରାଉରକେଲା,୨୭।୫(ସଙ୍ଗୀତା ଜେନା)

ମୟୂରଭଞ୍ଜ ଜିଲାରେ ନିର୍ବାଚନ ପରିଚାଳନା ପାଇଁ ରାଉରକେଲା ପୋଲିସ ଜିଲାର ବିଭିନ୍ନ ଥାନାରୁ ୯୦ ଏସଆଇ ଓ ଏଏସଆଇ ଯାତ୍ରା କରିଛନ୍ତି। ୫୫୦ ଜଣ ହୋମଗାର୍ଡଙ୍କୁ ମଧ୍ୟ ଏଥିରେ ନିୟୋଜିତ କରାଯାଇଛି।

### ଜେରକ୍ସ ମେଶିନ୍ ବିକିବାକୁ ଆସିଥିଲେ, ପୋଲିସ ଉଠାଇନେଲା

ରାଉରକେଲା,୨୭।୫(ସଙ୍ଗୀତା ଜେନା)

ସେକ୍ଟର-୧୫ ଥାନା ଅନ୍ତର୍ଗତ ସେକ୍ଟର-୧୮ ମାର୍କେଟରେ ସୋମବାର ୪ରୁ୫ ଜଣ ବ୍ୟକ୍ତି ଏକ ଜେରକ୍ସ ମେଶିନ୍ ବିକିବାକୁ ଆସିଥିଲେ। ଏ ସମ୍ପର୍କରେ ସ୍ଥାନୀୟ ଦୋକାନୀ ଜାଣିବା ପରେ ଥାନାକୁ ଜଣାଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଉକ୍ତ ମେଶିନ୍‌କୁ ଜବତ କରିବା ସହ ସେମାନଙ୍କୁ ଅଟକ ରଖିଛି। ରାତି ୯ଟା ସୁଦ୍ଧା ଏ ନେଇ କୌଣସି ରିପୋର୍ଟ ଥାନାରେ ହେଇନାହିଁ ବୋଲି ଥାନାଧିକାରୀ ଶ୍ରୀକାନ୍ତ ଖମାରୀ ସୂଚନା ଦେଇଛନ୍ତି। ସେକ୍ଟର-୩ ଥାନା ଅଞ୍ଚଳରେ ଥିବା ଏକ ସରକାରୀ କଲେଜରୁ ମେଶିନ୍ ଚୋରି ହୋଇଥିବା ଆଲୋଚନା ହେଉଛି।

# ସାମୂହିକ କୀର୍ତ୍ତନ ପରିବେଷଣ

ରାଉରକେଲା,୨୭।୫(ଦିନେଶ ମିଶ୍ର)

ଡେଲିମାର୍କେଟ ସ୍ଥିତ ବ୍ରାହ୍ମଣୀ ହାଇଟ୍ସ ବିଲଡିଂ ପରିସରରେ ରାଉରକେଲା ଜୟ ଶ୍ରୀ ଶ୍ୟାମ ସଂଘ ପକ୍ଷରୁ ସୋମବାର ସାମୂହିକ କୀର୍ତ୍ତନ ପରିବେଷଣ କରାଯାଇଥିଲା। ଏହି ଅବସରରେ ଶ୍ୟାମ ମନମୋହନଙ୍କୁ ପୁଷ୍ପମାଲ୍ୟ ଏବଂ ଛପନ ଭୋଗ ଅର୍ପଣ କରାଯାଇଥିଲା। ପ୍ରାତଃ ସମୟରେ ଷୋଡ଼ଷ ଉପଚାର ପୂଜା ସାଙ୍ଗକୁ ଆଳତୀ ଓ ସମସ୍ତ ରୀତିନୀତି ହୋଇଥିଲା। ଏଥିରେ କର୍ତ୍ତାଭାବେ ବିକାଶ ଅଗ୍ରୱାଲ ଯୋଗଦେଇ ପୂଜା କାର୍ଯ୍ୟକୁ ସୂଚାର ରୂପେ ପରିଚାଳନା କରିଥିଲେ। ପରେ ଟାଟାନଗର ଅଞ୍ଚଳରୁ ଭଜନ ଗାୟକ ଅନୁଭବ ଅଗ୍ରୱାଲ, ରମଣ ଶର୍ମା, ବର୍ଷି ଅଗ୍ରୱାଲ ପ୍ରମୁଖ ଭଜନ ପରିବେଷଣ କରିଥିଲେ।



### ଦିବ୍ୟ ଜୀବନ ସଂଘ ପକ୍ଷରୁ ଜଳଛତ୍ର

ରାଉରକେଲା,୨୭।୫(ଦିନେଶ ମିଶ୍ର)

ସେକ୍ଟର ୭- ୧୭ ଛକରେ ଦିବ୍ୟ ଜୀବନ ସଂଘ ଇସ୍ପାତନଗରୀ ଶାଖା ପକ୍ଷରୁ ସୋମବାର ଏକ ଜଳଛତ୍ର ଉଦ୍‌ଘାଟିତ ହୋଇଯାଇଛି। ସଂଘ ସଭାପତି ଅର୍ଦ୍ଧେନ୍ଦୁ ଷଡଙ୍ଗୀଙ୍କ ତତ୍ତ୍ୱବଧାନରେ ଜଳଛତ୍ରରେ ବହୁ କର୍ମୀ ଉପସ୍ଥିତ ରହି ବାଟୋଇଙ୍କୁ ଦହି ପଣା ଓ ଆମ୍ବପଣା ବିତରଣ କରିଥିଲେ। ଦିବ୍ୟ ଜୀବନ ସଂଘର ଶାଖା ସ୍ଥାପନା ରୌପ୍ୟ ଜୟନ୍ତୀ ପାଳନ ଅବସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ସଂଘ ସଦସ୍ୟା ସୁପ୍ରଭା ପାଣିଗ୍ରାହୀ, ସାର୍ଥକ ଦୀକ୍ଷିତ, ଉମାଚରଣ ପତି, ମଞ୍ଜୁବାଳା ସ୍ୱାଇଁ, ତ୍ରିଲୋଚନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ମ୍ୟୁନିସିପାଲ କଲେଜରେ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା


ଅଧ୍ୟାପିକା, ଅଧ୍ୟାପକଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

ରାଉରକେଲା,୨୭।୫(ସଙ୍ଗୀତା ଜେନା)

ମ୍ୟୁନିସିପାଲ କଲେଜରେ ଯୁକ୍ତ ୨ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ସୋମବାର କଲେଜ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। କଲେଜ ଅଧ୍ୟକ୍ଷ ଡ. ସନାତନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଦିପ୍ତୀରଞ୍ଜନ ମହାନ୍ତି ଏହାକୁ ସଂଯୋଜନା କରିଥିଲେ। ବାଣିଜ୍ୟ ବିଭାଗ ମୁଖ୍ୟ ବିଜୟ ପାଢ଼ୀ ବିବରଣୀ ପ୍ରଦାନ କରିଥିଲେ। ବାଣିଜ୍ୟରେ ୨୪୯ରୁ ୨୪୬, କଳାରେ ୨୩୦ରୁ ୧୮୬ ଓ ବିଜ୍ଞାନରେ ୨୩୪ ରୁ୧୩୮ ଜଣ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ବାଣିଜ୍ୟରେ ସର୍ବୋଚ୍ଚ ନମ୍ବର ରଖିଥିବା ସ୍ନେହା ସିଂହ, ସ୍ୱିଟି ଷଣ୍ଢ, ଶ୍ୱେତାକୁମାର ଚୌରାସିଆ, କଳା ବିଭାଗରେ ରାହୁଲ ଟେଟେ, ଜରା ଫାତିମା, ରାକ୍ଷୀ ଯାଦବ, ବିଜ୍ଞାନରେ ଶୁଭମ୍ ପଣ୍ଡିତ, ରତିକ ପ୍ରସାଦ ମହତୋ, ଜିସନ୍ ଫିରୋଜ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ହେମନ୍ତ ପୁହାଣ, ବିଶ୍ୱମ୍ଭର ତ୍ରିପାଠୀ, ସୁରଜ ତନ୍ତୀ,କରସିକ ଚୌଧୁରୀ, ମହେଶ୍ୱତା ମହାପାତ୍ର, ଚନ୍ଦ୍ରଲେଖା ପଣ୍ଡା, ଆର୍ଶୀବାଦ ମାଝି, ପ୍ରମୋଦ ରଣା, ଡ. ଅପର୍ଣ୍ଣା ଧର, ସଂଯୁକ୍ତା ବେହେରା, ଶିଳ୍ପୀ ଲାକ୍ରା, ନିରୂପମା ସେନାପତି, ଦେବରାଜ ବେହେରା, ତରୁଣ ମିଶ୍ର, ଲକ୍ଷ୍ମୀଧର ମିଶ୍ର, ରାଧାଶ୍ୟାମ ମହାପାତ୍ର ସମେତ ଅନ୍ୟମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ବିଜୟଲକ୍ଷ୍ମୀ ଦେଓ ଧନ୍ୟବାଦ ଅର୍ପଣ କରିଥିଲେ।

# ମିଳିଲାନି ଆମ୍ବୁଲାନ୍ସ: ସିଡିଏମ୍‌ଓଙ୍କୁ ଅଭିଯୋଗ ଜଣାଇଲେ ଗ୍ରାମବାସୀ

କୁତ୍ରା,୨୭।୫(ଦେବାଶିଷ ସାହୁ)

ଝାରଖଣ୍ଡ ସୀମାନ୍ତବର୍ତ୍ତୀ ନୂଆଗାଁ ଗ୍ରାମରେ ପାଣିରେ ବୁଡି ଯାଇଥିବା ଜଣେ ନାବାଳିକାଙ୍କୁ କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିବା ପାଇଁ ୧୦୮ ଆମ୍ବୁଲାନ୍ସ ସେବା ମିଳିଲା ନାହିଁ। ଏନେଇ ଗ୍ରାମବାସୀ ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଏକ ଅଭିଯୋଗ ପତ୍ର କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀଙ୍କ କାର୍ଯ୍ୟାଳୟରେ ପ୍ରଦାନ କରିଛନ୍ତି। ଘଟଣାରୁ ଜଣାପଡିଛି ଯେ, ନୂଆଗାଁ ଗ୍ରାମର ସ୍ୱାସ୍ଥ୍ୟ ସେବିକା ଭାବେ କାର୍ଯ୍ୟରତ କୁସୁମା ସୁରଜଲିଆଙ୍କ ୧୬ ବର୍ଷୀୟା ନାବାଳିକା ସଂଧାରାଣୀ ସୁରଜଲିଆ ରବିବାର ନଦୀରେ ଗାଧୋଇବା ସମୟରେ ପାଣିରେ ବୁଡିଯାଇଥିଲେ। ତାଙ୍କୁ କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିବାକୁ ଆମ୍ବୁଲାନ୍ସକୁ କଲ କରିଥିଲେ। କୁତ୍ରା ଏବଂ ରାଜଗାଙ୍ଗପୁର ଆମ୍ବୁଲାନ୍ସ ଉପଲବ୍ଧ ନ ଥିବା କୁହାଯିବା ସହ ବଡଗାଁରୁ ଆମ୍ବୁଲାନ୍ସ ପଠାଇ ଦିଆଯିବ ବୋଲି କୁହାଯାଇଥିଲା। ହେଲେ କିଛି ସମୟ ପରେ ବଡଗାଁରୁ ନୂଆଗାଁର ଦୂରତା ୪୦ କିଲୋମିଟରରୁ ଅଧିକ ହେଉଥିବା ଦର୍ଶାଇ ଆମ୍ବୁଲାନ୍ସକୁ ବାତିଲ କରାଯାଇଥିଲା। ଫଳରେ ସଂଧାରାଣୀଙ୍କୁ ଏକ ଅଟୋ ଦ୍ୱାରା କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ଅଣାଯାଇଥିଲା। ଏନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିବା ସହ ସେଠାକାର ସରପଞ୍ଚ ,ସମିତି ସଭ୍ୟ ଓ ଗ୍ରାମବାସୀଙ୍କ ସ୍ୱାକ୍ଷର ସମ୍ବଳିତ ଏକ ଅଭିଯୋଗ ପତ୍ର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଉଦ୍ଦେଶ୍ୟରେ କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟରେ ପ୍ରଦାନ କରିଥିଲେ। କାହିଁକି ସେଠାକୁ ୧୦୮ ଆମ୍ବୁଲାନ୍ସ ଦିଆଗଲା ନାହିଁ ତାର ସଠିକ ତଦନ୍ତ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏବଂ ଭବିଷ୍ୟତରେ ଯେପରି ଏଭଳି ଅସୁବିଧାରେ ଜନସାଧାରଣ ନ ପଡିବେ ସେଥିପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି।

## ସଂକ୍ଷେପରେ

### ଯୋଗମାୟା ମହିଳା କଲେଜରେ ଶତପ୍ରତିଶତ ପାସ୍ ହାର

**ଲହୁଣୀପଡା,୨୭।୫(ଦାଶରଥି ପଣ୍ଡା)**

ଲହୁଣୀପଡା ବ୍ଲକ ରାଜାମୁଣ୍ଡା ପଞ୍ଚାୟତ ମିଶ୍ରପାଲି ସ୍ଥିତ ବଣେଇଁ ଉପଖଣ୍ଡର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ୨ କଳା ପରୀକ୍ଷାରେ ଶତପ୍ରତିଶତ ପାସ ହାର ରହିଛି। ୫୭ ଛାତ୍ରୀଙ୍କ ମଧ୍ୟରୁ ମୋଟ ୧୨ ଜଣ ଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୧୨ ଛାତ୍ରୀ ଦ୍ୱିତୀୟ ଓ ୩୩ ଛାତ୍ରୀ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ୧୨ ଜଣ ଛାତ୍ରୀଙ୍କ ମଧ୍ୟରୁ ଛାତ୍ରୀ ପ୍ରିୟଲକ୍ଷ୍ମୀ ପାଲ ୫୨୭ ନମ୍ବର ରଖି ପ୍ରଥମ, ସୁବାସୀନ ମୁଣ୍ଡା ୫୧୮ ନମ୍ବର ରଖି ଦ୍ୱିତୀୟ ଓ ସଙ୍ଗୀତା ପାତ୍ର ୪୬୭ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଯୋଗମାୟା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷା ଝରଣା ପ୍ରଧାନ ଓ ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ,ପରିଚାଳନା କମିଟିର ଅଧ୍ୟକ୍ଷ, ସଦସ୍ୟା ସଦସ୍ୟ ଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

### ଯୁକ୍ତ ୨ କଳାରେ ସାନ୍ତ୍ୱନା ପଶ୍ଚିମ ଓଡ଼ିଶା ଟପ୍ପର

**ସୁନ୍ଦରଗଡ଼,୨୭।୫(ଜୟନାରାୟଣ ମେଣ୍ଡୁଲି)**

ଯୁକ୍ତ୨ କଳା ପରୀକ୍ଷାରେ ଗଙ୍ଗାଧର ମେହେର ମହାବିଦ୍ୟାଳୟର ଛାତ୍ରୀ ସାନ୍ତ୍ୱନା ମେହେର ୯୧.୬୬ ପ୍ରତିଶତ ରଖି ସମଗ୍ର ପଶ୍ଚିମ ଓଡ଼ିଶାରେ ଟପ୍ପର ହୋଇଛନ୍ତି। ସାନ୍ତ୍ୱନାଙ୍କ ଏହି ସଫଳତା ପାଇଁ ପରିବାରରେ ଖୁସିର ଲହରି ଖେଳିଯାଇଛି। ଆଗକୁ ପାଠ ପଢ଼ି ଭାରତୀୟ ପ୍ରଶାସନିକ ସେବା ଅଫିସର ହେବାକୁ ଲକ୍ଷ୍ୟ ରଖିଥିବା ସାନ୍ତ୍ୱନା କହିଛନ୍ତି।

# ଝାରସୁଗୁଡ଼ା ରେଳଷ୍ଟେଶନରୁ ନିଖୋଜ ୨ଶିଶୁ ଠାବ

**ଦେବଗଡ଼,୨୭।୫(ଶଶାଙ୍କ ଶେଖର ଝାଙ୍କର)**

### ୨ ଶିଶୁ ପୁତ୍ର ନିଖୋଜ ଘଟଣା



ଦେବଗଡ ଥାନା ସାମନ୍ତରାପାଲି ଗ୍ରାମର ଗୋଟିଏ ପରିବାରର ୨ଜଣ ନାବାଳକ (ଦୁଇଭାଇ) ନିଖୋଜ ଘଟଣାରେ ସ୍ଥାନୀୟ ପୋଲିସ ଜବନିକା ପକାଇଛି। ଏସ୍‌ପି ଅନୁପମା ଜେମ୍ସଙ୍କ ତତ୍ତ୍ୱାବଧାନରେ ତଦନ୍ତକୁ ବ୍ୟାପକ କରି ବିଭିନ୍ନ ରେଳ ଷ୍ଟେଶନ, ବସଷ୍ଟାଣ୍ଡ ଓ ହୋଟେଲ ସମେତ ବିଭିନ୍ନ ଜନ୍‌ଗହଳି ପୂର୍ଣ୍ଣ ସ୍ଥାନର ସିସିଟିଭି ଫୁଟେଜ ଅନୁଧ୍ୟାନ କରି ନିଖୋଜ ଶିଶୁ ପୁତ୍ରଙ୍କୁ ନିଜ ମା' ନେଇ ଚାଲି ଯାଇଥିବା ଜାଣିବାକୁ ପାଇଛି ପୋଲିସ। ଝାରସୁଗୁଡା ରେଳ ଷ୍ଟେଶନ ସିସିଟିଭିରୁ ନିଜ ମା' ସହ ବୁଲୁଥିବା ବେଳେ ଠାବ କଲା ସ୍ୱତନ୍ତ୍ର ପୋଲିସ ଟିମ୍। ସୋମବାର ସକାଳୁ ଡଗ ସ୍କ୍ୱାର୍ଡ ସହାୟତାରେ ଯାଞ୍ଚ ଆରମ୍ଭ କରିଥିଲା ଦେବଗଡ଼ ପୋଲିସ। ଏସ୍‌ପି ଅନୁପମା ଜେମ୍ସଙ୍କ ତ୍ୱରିତ ପଦକ୍ଷେପ ଫଳରେ ଠାବ ହେଲେ ନିରୁଦ୍ଦିଷ୍ଟ ଦୁଇ ଶିଶୁ ପୁତ୍ର। ଗତ ପ୍ରାୟ ୨ ବର୍ଷ ପୂର୍ବରୁ ନିଜ ଦୁଇ ଶିଶୁ ପୁତ୍ରଙ୍କୁ ଛାଡି ଅନ୍ୟତ୍ର ଫେରାର ହୋଇଯାଇଛି ମା' ବବିତା କିଷାନ। ବାପା ସୁରଜ କିଷାନ ମଧ୍ୟ ଜିଲା ବାହାରେ ଥିବା ବେଳେ ବୁଢୀମା ଗୁର କିଷାନ ୨ ଶିଶୁ ପୁତ୍ରଙ୍କୁ ଲାଳନ ପାଳନ କରି ଆସୁଥିଲେ। ଗତ ଶନିବାର ଅପରାହ୍ନରୁ ୨ଶିଶୁ ପୁତ୍ର ହଠାତ ନିଖୋଜ ହେବା ପରେ ବୁଢୀମା' ପାଖ ପଡୋଶୀ ଓ ସମ୍ପର୍କୀୟଙ୍କ ଘରେ ଖୋଜା ଖୋଜି ପରେ ମଧ୍ୟ କୌଣସି ସନ୍ଧାନ ନ ପାଇବାରୁ ରବିବାର ଦେବଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଦେବଗଡ଼ ପୋଲିସ ଏକ ଅପହରଣ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସୋମବାର ଅତିରିକ୍ତ ଏସ୍‌ପି ହେମନ୍ତ ପଣ୍ଡାଙ୍କ ଉପସ୍ଥିତିରେ ଏସ୍‌ଡିପିଓ ସୌମ୍ୟ ରଞ୍ଜନ ମଲ୍ଲିକ ଓ ଥାନା ଅଧିକାରୀ ସରୋଜ କୁମାର ସେଠୀ ସନ୍ଧାନି କୁକୁର ସହାୟତାରେ ଯାଞ୍ଚକୁ କଡାକଡି କରିଥିଲେ।

# ଜିଲା ଟପ୍ପର ସାଇପ୍ରଜ୍ଞାଙ୍କ ଡାକ୍ତର ହେବା ଲକ୍ଷ୍ୟ



ସାଇ ପ୍ରଜ୍ଞାଙ୍କୁ ୮୯ ମାଟ୍ରିକ ବ୍ୟାଚ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି।

- ସାଇ ପ୍ରଜ୍ଞାଙ୍କୁ ୮୯ ମାଟ୍ରିକ ବ୍ୟାଚ ପକ୍ଷରୁ ସମ୍ବର୍ଦ୍ଧିତ
- ଦେବଗଡ଼ ଜିଲାରେ ମାଟ୍ରିକ୍ ପରୀକ୍ଷା ପାସହାର ୯୬.୭୧%



**ଦେବଗଡ଼,୨୭।୫(ଶଶାଙ୍କ ଶେଖର ଝାଙ୍କର)**

ଚଳିତବର୍ଷର ମାଟ୍ରିକ ପରୀକ୍ଷାଫଳ ରବିବାର ପ୍ରକାଶ ପାଇଛି। ଦେବଗଡ ଜିଲାର ପାସହାର ୯୬.୭୧ ପ୍ରତିଶତ ରହିଛି। ଦେବଗଡ଼ ଜିଲାର ସହର ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରୀ ୱାର୍ଡ ନମ୍ବର ୩ ମଠ ସାହିର ମା' ରଞ୍ଜିନୀ ନାୟକ, ବାପା ଦେବଗଡ ତିଲେଇବଣି ବ୍ଲକ କୁରଡ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ତପନ କୁମାର ନାୟକଙ୍କ ସହର ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରୀ ସାଇପ୍ରଜ୍ଞା ନାୟକ ସର୍ବାଧିକ ୯୨ ପ୍ରତିଶତ ନମ୍ବର (୫୫୨)ରଖି ଟପ୍ପର ହୋଇଛନ୍ତି। ଶିକ୍ଷା ବିଭାଗ ସୂଚନା ମୁତାବକ ଜିଲାରେ ମୋଟ ପାସହାର ୯୬.୭୧ ଶତକଡା ହେଇଛି। ସାଇ ପ୍ରଜ୍ଞାଙ୍କୁ ଯୋଗାଯୋଗ କରିବାରୁ ସେ କହନ୍ତି ମୁଁ ଆଗକୁ ଜଣେ ଡାକ୍ତର ହେବାର ଲକ୍ଷ୍ୟ ରଖିଛି। ଦିନକୁ ସ୍କୁଲ ଓ ଟିଉସନ ଛାଡି ଦିନକୁ ୮ଘଣ୍ଟାରୁ ଅଧିକ ପାଠ ପଢୁଥିଲେ। ଏହି ସଫଳରେ ସେ ମା'ବାପା ଏବଂ ସମସ୍ତଙ୍କ ଗୁରୁମା ଗୁରୁଜୀଙ୍କୁ ଶ୍ରେୟ ଦେଇଛନ୍ତି। ସମସ୍ତ ଶୁଭେଚ୍ଛୁ ପାଇଁ ଏହା ସମ୍ଭବ ହୋଇପାରିଛି ବୋଲି ପ୍ରକାଶ କରିଥିଲେ। ଶତ ପ୍ରତିଶତ କୃତକାର୍ଯ୍ୟ ହେବା ସହ ସ୍କୁଲ ପାଇଁ ସଫଳତା ଆଣିଥିବାରୁ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ସାଇ ପ୍ରଜ୍ଞାଙ୍କ ବାପା ତପନ ନାୟକଙ୍କ ୮୯ ମସିହା ମାଟ୍ରିକ ବ୍ୟାଚ ସାଙ୍ଗମାନଙ୍କ ପକ୍ଷରୁ ସାଇ ପ୍ରଜ୍ଞାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି ଏବଂ ତାଙ୍କ ଭବିଷ୍ୟତ ଆଗକୁ ଆହୁରି ଉଜଳ ମୟ ହେଉ ବୋଲି ସମସ୍ତେ ଆଶୀର୍ବାଦ ପ୍ରଦାନ କରିଛନ୍ତି।

# ଡିଆରୟୁସିସିଙ୍କ ରାଜଗାଙ୍ଗପୁର ରେଳଷ୍ଟେଶନ ପରିଦର୍ଶନ

**ରାଜଗାଙ୍ଗପୁର,୨୭।୫(ଅଶୋକ ପାଣି)**



ଦକ୍ଷିଣ ପୂର୍ବ ରେଲୱେ ଚକ୍ରଧରପୁର ଡିଭିଜନର ଡିଆରୟୁସିସି ଡ. ସୁବାସ ଚନ୍ଦ୍ର ଲେଙ୍କା ସୋମବାର ରାଜଗାଙ୍ଗପୁର ରେଳ ଷ୍ଟେଶନ ପରିଦର୍ଶନ କରି ବିଭିନ୍ନ ସୁବିଧା ଅସୁବିଧା ପଚାରି ବୁଝିଛନ୍ତି। ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଶୁଣିବା ସହ ସୋମନଙ୍କଠାରୁ ଦାବିପତ୍ର ଗ୍ରହଣ କରିଥିଲେ। ଷ୍ଟେଶନରେ ଟ୍ରେନ ଗୁଡିକର କୋଚ ପୋଜିସନ ଡିସପ୍ଲେ ବୋର୍ଡରେ ଦର୍ଶାଇବା, ୧ନଂ ପ୍ଲାଟଫର୍ମରେ ପାଣି ଜମା ହେବା, ୨୪ଘଣ୍ଟିଆ ଟ୍ରେନ ତଦନ୍ତ କାଉଣ୍ଟର ରହିବା, ରିଜରଭେସନ ଟିକେଟ ପାଇଁ ସକାଳ ୮ ରୁ ରାତି ୮ ପର୍ଯ୍ୟନ୍ତ କାଉଣ୍ଟର ଖୋଲା ରଖିବା ଭଳି ବିଭିନ୍ନ ଅଭିଯୋଗ ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି। ଡିଆରୟୁସିସିଙ୍କ ସହ ମୁଖ୍ୟ ବାଣିଜ୍ୟିକ ନିରିକ୍ଷୀକ ଚକ୍ରଧରପୁର ଡିଭିଜନ ତପନ ମଣ୍ଡଳ, ରାଜଗାଙ୍ଗପୁର ଷ୍ଟେଶନ ମ୍ୟାନେଜର ଲକ୍ଷ୍ମୀଧର ତ୍ରିପାଠି ପ୍ରମୁଖ ରହିଥିଲେ।

### ବଡ଼ଗାଁରେ ତୃପ୍ତିମୟୀ ଡାକୁଆ ଟପ୍ପର

**ବଡ଼ଗାଁ,୨୭।୫ (ଅଶୋକ ଷଡ଼ଙ୍ଗୀ)**

ଦଶମ ବୋର୍ଡ ପରୀକ୍ଷାରେ ବଡ଼ଗାଁ ବ୍ଲକରେ ଶତପ୍ରତିଶତ ପାସ ହାର ରହିଛି। ଚଳିତବର୍ଷ ୮୨୬ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୮୧୬ ଜଣ ପାସ କରିଛନ୍ତି। ଏ-୨ ରେ ୨, ବି-୧ ରେ ୨୦, ବି-୨ରେ ୧୪୭ଜଣ ପାସ କରିଛନ୍ତି । ବରଙ୍ଗାକଛାର ହାଇସ୍କୁଲର ତୃପ୍ତିମୟୀ ଡାକୁଆ ସର୍ବାଧିକ ୪୮୩ ନମ୍ବର ରଖି ଟପ୍ପର ହୋଇଛନ୍ତି। ସରକାରୀ ହାଇସ୍କୁଲ ତୁଡାଲଗାର ହୀନବତୀ ହସ୍ତୀ ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ବ୍ଲକରେ ପାସ ହାର ୯୯ ପ୍ରତିଶତ ରହିଛି।

# ଭୋଟ ଗଣତି ପାଇଁ କର୍ମଚାରୀଙ୍କ ପ୍ରଶିକ୍ଷଣ ଶିବିର



କର୍ମଚାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି।

**ଦେବଗଡ଼,୨୭।୫(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ସୋମେଶ କୁମାର ଉପାଧ୍ୟାୟ ଅଧ୍ୟକ୍ଷତାରେ ଆସନ୍ତା ଜୁନ ୪ ତାରିଖରେ ଭୋଟ ଗଣତି ପାଇଁ ପ୍ରଶିକ୍ଷଣ (ଇଭିଏମ୍ ଓ ପୋଷ୍ଟାଲ ବାଲାଟ) ଶିବିର ଅନୁଷ୍ଠିତ ହୋଇଯାଇଛି। ଲୋକ ସଭା ଓ ବିଧାନସଭା ନିମନ୍ତେ ଜୁନ ୪ ତାରିଖରେ ପଲିଟେକନିକଠାରେ ଲୋକ ସଭା ଆସନ ପାଇଁ ୧୩ଟି ଟେବୁଲ ଓ ବିଧାନସଭା ଆସନ ପାଇଁ ୧୩ଟି ଟେବୁଲ ନେଇ ୨୬ଟି ଟେବୁଲରେ ଗଣତି ହେବ। ଟେବୁଲରେ ଇଭିଏମ ପାଇଁ ଅଣୁ ପର୍ଯ୍ୟବେକ୍ଷକ, କାଉଣ୍ଟିଂ ସୁପରଭାଇଜର, କାଉଣ୍ଟିଂ ଆସିଷ୍ଟାଣ୍ଟମାନେ ଉପସ୍ଥିତ ରହିବେ। ଭୋଟ ଗଣତିରେ ନିଯୁକ୍ତ ଥିବା ଦାୟିତ୍ୱ ସମ୍ପୂର୍ଣ୍ଣ ଅଧିକାରୀ ହେବା ବାଞ୍ଛନୀୟ। କର୍ମଚାରୀମାନେ ଜୁନ ୪ ତାରିଖରେ ଭୋଟ ଗଣତି ଦିନ ସକାଳ ୫ଟାରେ ଉପସ୍ଥିତ ରହିବେ। ବୈଠକରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲା ପରିଷଦ ଧର୍ମାନନ୍ଦ ବେହେରା, ଉପଜିଲାପାଳ ତଥା ରିଟର୍ନିଂ ଅଫିସର ପରକ୍ଷିତ ସାହୁ, ଡେପୁଟି କଲେକ୍ଟର ଇଲେକ୍ସନ ଏଜେଲିନ ବାରା, ସହକାରୀ ଜିଲାପାଳ ହେମନ୍ତ ସିଂ, ତାପସ କୁମାର ମହାନ୍ତ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବାରକୋଟ ସ୍ମୃତି ରଞ୍ଜନ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରିଆମାଳ ଉଗ୍ରସେନ ଓରାମ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ତିଲେଇବଣି ରଘୁନାଥ ପାଣିଗ୍ରାହୀ, ଅତିରିକ୍ତ ତହସିଲଦାର ବାରକୋଟ ବବୁରୁ ବାହନ ଦତ୍ତ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ବିଭିନ୍ନ ଜିଲାସ୍ତରୀୟ ଅଧିକାରୀ ଏବଂ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ଫଟୋ:

### ଛାତ୍ରୀଛାତ୍ରଙ୍କ ସଫଳତା

**ଲହୁଣୀପଡ଼ା,୨୭।୫(ଦାଶରଥି ପଣ୍ଡା)**

ଦଶମ ବୋର୍ଡ ପରୀକ୍ଷାରେ ଲହୁଣୀପଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀଛାତ୍ର ଶତପ୍ରତିଶତ ସଫଳତା ହାସଲ କରିଛନ୍ତି। ତୃପ୍ତିମୟୀ ମାହାନ୍ତ ୪୯୮, ଶୁଭଶ୍ରୀ ମାହାନ୍ତ ୪୮୯ ଓ ବିକାଶ ପରମାଣିକ ୪୮୪ ନମ୍ବର ରଖି ଏ -୨ ଗ୍ରେଡରେ ପାସ କରିଛନ୍ତି। ବି-୨ ଗ୍ରେଡରେ ୪ ଜଣ, ସି ଗ୍ରେଡରେ ୧୪, ଡି ଗ୍ରେଡରେ ୧୫ ଓ ଇ ଗ୍ରେଡରେ ୨ଜଣ ପାସ କରିଛନ୍ତି।

### ଉମାଶଙ୍କର ଭାରତୀୟ ଖାଦ୍ୟ ନିଗମ ପରାମର୍ଶଦାତା କମିଟି ସଦସ୍ୟ ମନୋନୀତ

**ସୁନ୍ଦରଗଡ,୨୭।୫(ଜୟ ନାରାୟଣ ମେଣ୍ଡୁଲି)**



ଆଡଭୋକେଟ ଉମା ଶଙ୍କର ପଟେଲ ଭାରତୀୟ ଖାଦ୍ୟ ନିଗମ ପରାମର୍ଶଦାତା କମିଟିର ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ଭାରତ ସରକାରଙ୍କ ଖାଦ୍ୟ ଏବଂ ସାଧାରଣ ବଣ୍ଟନ ବିଭାଗ ମନ୍ତ୍ରାଳୟ ପକ୍ଷରୁ ତାଙ୍କୁ ମନୋନୀତ କରାଯାଇଛି। ଏନେଇ ଆଡଭୋକେଟ ପଟେଲ ଏମ୍‌ପି ଜୁଏଲ ଓରାମ, କେନ୍ଦ୍ର ମନ୍ତ୍ରୀ ପିୟୁଷ ଗୋୟଲଙ୍କଠାରେ କୃତଜ୍ଞତା ଜଣାଇଛନ୍ତି।

# ଡାଲମିଆ ଭାରତ ଫାଉଣ୍ଡେଶନ ପକ୍ଷରୁ ଦୀକ୍ଷା ଶିକ୍ଷାନବିଶଙ୍କ ପାଇଁ ସମାପନ ସମାରୋହ

**କୁତ୍ରା,୨୭।୫(ଦେବାଶିଷ ସାହୁ)**



ଡାଲମିଆ ଭାରତ ଫାଉଣ୍ଡେଶନ ଲାଞ୍ଜିବେର୍ଣ୍ଣାସ୍ଥିତ ଦୀକ୍ଷା ଡାଲମିଆ ଇନଷ୍ଟିଚ୍ୟୁଟ ଅଫ ନଲେଜ ଆଣ୍ଡ ସ୍କିଲ ହାର୍ନେସିଂ ଶିକ୍ଷାନବିଶଙ୍କ ନିମନ୍ତେ ସମାପନ ଉତ୍ସବ ଆୟୋଜନ କରିଥିଲା। କେନ୍ଦ୍ରର ୩୦ ଛାତ୍ରୀଛାତ୍ରଙ୍କୁ ହୋମ ହେଲ୍ଥକେୟାର କ୍ଷେତ୍ରରେ ଜେନେରାଲ ଡ୍ୟୁଟି ଆସିଷ୍ଟାଣ୍ଟ ଭାବରେ ସେମାନଙ୍କର ତାଲିମ ପାଠ୍ୟକ୍ରମ ସମ୍ପୂର୍ଣ୍ଣ କରିବା ନିମନ୍ତେ ସମ୍ବର୍ଦ୍ଧିତ କରାଯାଇଥିଲା। ଯେଉଁମାନଙ୍କ ମଧ୍ୟରୁ ୯୪ ପ୍ରତିଶତ ସଫଳତାର ସହିତ ନିଯୁକ୍ତି ପ୍ରାପ୍ତ କରିଛନ୍ତି। ୩୦ ଶିକ୍ଷାନବୀଶଙ୍କ ମଧ୍ୟରୁ ୨୯ ଜଣ ମହିଳା ଥିଲେ। ଏହି ସଫଳତା ମହିଳାମାନଙ୍କୁ ସଶକ୍ତ କରିବା, ଲିଙ୍ଗଗତ ସମାନତାକୁ ଆଗେଇ ନେବା ଏବଂ ସମସ୍ତଙ୍କ ପାଇଁ ଦୀର୍ଘସ୍ଥାୟୀ ଜୀବିକା ଉପାର୍ଜନ ସୁଯୋଗ ଯୋଗାଇଦେବା ନିମନ୍ତେ ଡିବିଏଫ୍ର ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରୁଛି। ନିକଟରେ ଲାଞ୍ଜିବେର୍ଣ୍ଣାରେ ଉଦ୍‌ଘାଟିତ ଦୀକ୍ଷା କେନ୍ଦ୍ର ଆଖ ପାଖ ଗ୍ରାମଗୁଡିକର ଯୁବବର୍ଗଙ୍କ ପାଇଁ କୁଶଳତାର ତାଲିମ ଓ ନିଯୁକ୍ତିକୁ ସୁଗମ କରାଯାଉଛି। ଏହି କେନ୍ଦ୍ର ଜେନେରାଲ ଡ୍ୟୁଟି ଆସିଷ୍ଟାଣ୍ଟ, ସିୱିଂ ମେସିନ ଅପରେଟର ଏବଂ ବିଜିନେସ କରେସ୍ପଣ୍ଡେଣ୍ଟ ଭାବରେ କ୍ୟାରିୟର କରିବାକୁ ତାଲିମ ପାଠ୍ୟକ୍ରମ ଯୋଗାଇ ଦେଉଛି। ଏହି ଅବସରରେ ଜିଲା କୁଶଳତା ବିକାଶ ତଥା ନିୟୋଜନ ଅଧିକାରୀ, ରାଉରକେଲା ରମେଶ ଚନ୍ଦ୍ର କିଷାନ ଏବଂ ଦୀକ୍ଷା ଲାଞ୍ଜିବେର୍ଣ୍ଣାର କେନ୍ଦ୍ର ପରିଚାଳକ ଜଗନ୍ନାଥ ପ୍ରସାଦ ମହାନ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ଚେତନ ଶ୍ରୀବାସ୍ତବ ଏକ୍ଜିକ୍ୟୁଟିଭ ଡାଇରେକ୍ଟର, ଡିସିବିଏଲ ଏବଂ ୟୁନିଟ ହେଡ ରାଜଗାଙ୍ଗପୁର କହିଥିଲେ, ଡାଲମିଆ ଭାରତରେ ଆମେ ଲିଙ୍ଗଗତ ସମାନତା ଓ ସମାବେଶୀ କାର୍ଯ୍ୟକ୍ରମ ସୃଷ୍ଟି କରିବା ନିମନ୍ତେ ଉତ୍ସର୍ଗୀକୃତ ରହିଛୁ । ଯାହା ସମାଜର ମହିଳାମାନଙ୍କ ଉପରେ ସକାରାତ୍ମକ ପ୍ରଭାବ ପକାଇବ। ଆମର ଦୀକ୍ଷା କେନ୍ଦ୍ର କୁଶଳତା କ୍ଷେତ୍ରରେ ରହିଥିବା ତାରତମ୍ୟ ଦୂର କରିବା ଏବଂ ଯୁବବର୍ଗଙ୍କୁ ଦୀର୍ଘସ୍ଥାୟୀ ଜୀବିକା ଉପାର୍ଜନ ସୁଯୋଗ ଯୋଗାଇଦେଇ ସେମାନଙ୍କୁ ସଶକ୍ତ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି । ପ୍ରକାଶ ଥାଉକି, ଡାଲମିଆ ଭାରତ ଫାଉଣ୍ଡେସନର ଛାମୁଆ ପ୍ରକଳ୍ପ ଦୀକ୍ଷାର ୨୦ଟି କାର୍ଯ୍ୟରତ କେନ୍ଦ୍ର ତାହାର ବ୍ୟବସାୟିକ କାର୍ଯ୍ୟ ପରିଚାଳନା ଅଞ୍ଚଳଗୁଡିକରେ ରହିଛି ଏବଂ ଏହା ଆଜି ପର୍ଯ୍ୟନ୍ତ ୧୫,୭୦୯ରୁ ଅଧିକ ବ୍ୟକ୍ତିବିଶେଷଙ୍କୁ ତାଲିମ ପ୍ରଦାନ କରିବା ସହିତ ସେମାନଙ୍କ ପାଇଁ ମାସିକ ୮ହଜାର ଟଙ୍କାରୁ ନେଇ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ରୋଜଗାର ସୁଯୋଗ ସୃଷ୍ଟି କରିଛି। ଏହି ପ୍ରୟାସ ସମୂହ ଶିକ୍ଷାନବୀଶମାନଙ୍କର ଜୀବନ ମାନରେ ଉଲ୍ଲେଖନୀୟ ଉନ୍ନତି ଆଣୁଛି, ଦୀର୍ଘସ୍ଥାୟୀ ଗୋଷ୍ଠୀ ବିକାଶକୁ ପ୍ରୋତ୍ସାହିତ କରିବା ଦିଗରେ ଡିବିଏଫ ଭୂମିକାକୁ ପୁନଃ ସୁଦୃଢ କରୁଛି । ୨୦୨୪ରେ ନାମ ଲେଖାଇଥିବା ମୋଟ ଯୁବବର୍ଗଙ୍କ ମଧ୍ୟରୁ ୬୩ ପ୍ରତିଶତ ମହିଳା ଥିଲେ।

# ରାସ୍ତା ଶୋଚନୀୟ, ହେଉନି ମରାମତି



**ଝାରସୁଗୁଡ଼ା, ୨୭।୫ (ସଞ୍ଜୟ ମାଲି)**

ଝାରସୁଗୁଡ଼ା ସହରର ସରାହାଲ ଗୈଡପଡା ମୁଖ୍ୟ ରାସ୍ତା ଶୋଚନୀୟ ହୋଇ ପଡିଛି। ବ୍ୟସ୍ତବହୁଳ ରାସ୍ତାରେ ଯାତାୟାତ ବେଳେ ପଥାଚାରୀ ଛୋଟବଡ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ରାତି ସମୟରେ ଲାଇଟ ଜଳୁ ନ ଥିବାରୁ ଯାନବାହନ ଚାଳକ ବିଶେଷ କରି ଦୁଇଚକିଆ ଗାଡ଼ି ଚାଳକମାନେ ଭାରସାମ୍ୟ ହରାଇ ଦୁର୍ଘଟଣାର ଶିକାର ହେଉଛନ୍ତି। ଏହି ରାସ୍ତା ରାଜ୍ୟ ରାଜପଥରେ ଯାଇ ମିଶିଛି। ଫଳରେ ପ୍ରତିଦିନ ଏହି ରାସ୍ତା ଦେଇ ହଜାର ହଜାର ଛୋଟ ବଡ଼ ଗାଡ଼ି ମୋଟର ଯିବା ଆସିବା କରୁଛି। ଆଉ କିଛି ଦିନ ପରେ ବର୍ଷା ଋତୁ ଆରମ୍ଭ ହୋଇଯିବ। ବର୍ଷା ସମୟରେ ବର୍ଷା ପାଣି ଗାତ ଉପରେ ଜମି ଯାଏ। ଫଳରେ ବାଇକ ତଥା ସ୍କୁଟି ଆରୋହୀ ଦୁର୍ଘଟଣାର ଶିକାର ହୁଅନ୍ତି। ଝାରସୁଗୁଡା ସହରର ଆଉ ବି ଅନେକ ରାସ୍ତା ଅଛି, ଯାହାକି ଏହିପରି ଭାବେ ଶୋଚନୀୟ ଅବସ୍ଥାରେ ପଡ଼ି ରହିଛି। ଜିଲା ପୂର୍ତ୍ତ ବିଭାଗ ଓ ପୌର ପରିଷଦ ନୀରବଦ୍ରଷ୍ଟା ସାଜିକି ବସିଛନ୍ତି। ଏହାର ଫାଇଦା ଠିକାଦାରମାନେ ଉଠାଉଛନ୍ତି। ଠିକାଦାରମାନେ ନିମ୍ନମାନର କାମ କରୁଛନ୍ତି। ସମୟ ଆଗରୁ ରାସ୍ତା ଖଣ୍ଡିଆ, ଖାଳ ହୋଇଯାଉଛି ଏବଂ ଏହାର ସିଧାସଳଖ ପ୍ରଭାବ ଛୋଟ ଛୋଟ ଗାଡ଼ିଳ ବାଇକ ତଥା ସ୍କୁଟି ଚାଳକଙ୍କ ଉପରେ ପଡୁଛି। କେତେ ବେଳେ ଦୁର୍ଘଟଣାରେ ହାତ ଭାଙ୍ଗୁଛି, ତ କେତେବେଳେ ଗୋଡ଼। ଅନେକ ସମୟରେ ଅନେକଙ୍କ ମୃତ୍ୟୁ ମଧ୍ୟ ଘଟୁଛି। ଏହି ଅଞ୍ଚଳର ଜନସାଧାରଣ ଅତି କ୍ଷୁବ୍ଧ ହୋଇ ଏଥିପ୍ରତି ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ନେବାକୁ ଜନସାଧାରଣରେ ଦୀର୍ଘ ଦିନରୁ ଦାବି ହେଉଛି।

# ଝାରସୁଗୁଡ଼ାରେ ବଢ଼ୁଛି ନିଶା କାରବାର

**ଝାରସୁଗୁଡ଼ା,୨୭।୫(ସଞ୍ଜୟ ମାଲି)**

ଝାରସୁଗୁଡ଼ା ସହର ସମେତ ଆଖପାଖ ଅଞ୍ଚଳରେ ଦୀର୍ଘ ଦିନରୁ ମଦ, ସଟ୍ଟା ସହ ଧଳା ଜହର (ବ୍ରାଉନ ସୁଗର) କାରବାର ଦିନକୁ ଦିନ ବୃଦ୍ଧି ପାଉଛି। ସହର ସମେତ ଏହାର ଆଖପାଖ ଅଞ୍ଚଳର ଅନେକ ଯୁବପୀଢ଼ି ଧଳା ଜହର ନିଶାରେ ଲିପ୍ତ ଥିବା ଦେଖିବାକୁ ମିଳୁଛି। ଯୁବ ପୀଢ଼ିଙ୍କ ପାଇଁ ଏହା ଏକ ଅଭିଶାପ ପାଲଟିଛି। ଗତ କିଛି ଦିନ ତଳେ ଝାରସୁଗୁଡା ସହରସ୍ଥିତ ମଙ୍ଗଳବଜାର, ତେଲିଭଟା, ଝାରସୁଗୁଡା ବିମାନ ବନ୍ଦର, ରାଜପଥରୁ ବ୍ୟାପକ ମାତ୍ରାରେ ପୋଲିସ ବ୍ରାଉନ ସୁଗର ଜବତ କରିଥିଲା। ସମ୍ପୃକ୍ତ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲଣ କରିଥିଲେ। କିନ୍ତୁ କିଛି ଦିନର ପରେ ସେମାନେ ଜେଲରୁ ମୁକୁଳି ପୁଣି ବ୍ରାଉନ ସୁଗର କାରବାର ଚଳାଉଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ସହର ବେହେରାମାଳ ଛକଠାରୁ ଗାନ୍ଧୀ ଛକ ତଥା ବକ୍ସି ଛକଠାରୁ ଖେତୁଆଲ ଛକ ଓ ବଢେଇ ମୁଣ୍ଡାଠାରୁ କୋଲାବିରା ବ୍ଲକ ଜାତୀୟ ରାଜପଥ ରାସ୍ତା କଡ଼ରେ ଥିବା ବିଭିନ୍ନ ଢାବାଗୁଡ଼ିକରେ ବେଆଇନ ଭାବେ ମଦ ବିକ୍ରି ହେଉଛି। ଲୋକେ ମଦ୍ୟପାନ କରି ବିଭିନ୍ନ ସମୟରେ ବେପରୁଆ ଗାଡ଼ି ଚଳାଇ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ତାସାଙ୍ଗକୁ ବିଭିନ୍ନ ସମୟରେ ମାରପିଟ ହେଉଥିବା ପରିଲକ୍ଷିତ ହେଉଛି। ସହର ଯୁବପିଢିମାନେ ବେଆଇନ କଫ ସିରପ୍ ସହ ନିଶା ଇଞ୍ଜେକସନ ନେଇ ବିଭିନ୍ନ ବିଭିନ୍ନ ସମୟରେ ଅନ୍ୟତିକ କାର୍ଯ୍ୟ କରୁଛନ୍ତି। ଗତ କିଛି ବର୍ଷ ତଳେ ବିଭିନ୍ନ ଔଷଧ ଦୋକାନଗୁଡିକ ଚଢ଼ାଉ କରି କିଛି ବେଆଇନ କଫ ସିରପ୍ ଜବତ କରିଥିବା ବେଳେ ମଝି ମଝିରେ ଚଢାଉ ହେଉ ନ ଥିବାରୁ ବେଆଇନ କଫ ସିରପ୍ ପ୍ରବଳ ମାତ୍ରାରେ ବିକ୍ରି ଚାଲିଛି। ଅନ୍ୟପଟେ ସହରରେ ଦୀର୍ଘ ବର୍ଷରୁ ବେଆଇନ ସଟ୍ଟା କାରବାର ମଧ୍ୟ ବୃଦ୍ଧି ପାଇଛି। ଯୁବପିଢି ସଟ୍ଟା ଖେଳି ନିଜର ଜୀବନକୁ ରାତ କରୁଥିବା ବେଳେ ପୋଲିସ ନୀରବଦ୍ରଷ୍ଟା ସାଜିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଆଗାମୀ ଦିନରେ ଏଥିପ୍ରତି ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ନ ନେଲେ ଝାରସୁଗୁଡ଼ା ସହର ନିଶାସକ୍ତ ଚରମ ସିମାରେ ପହଞ୍ଚିବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

### ଏମାନେ ଯାହା କୁହନ୍ତି...

"ଝାରସୁଗୁଡା ସହରାଞ୍ଚଳ ତଥା ଆଖପାଖ ଗ୍ରାମଗୁଡିକରେ ବେଆଇନ ନିଶା କାରବାର ଖବର ମିଳିଲେ ସଙ୍ଗେ ସଙ୍ଗେ ସେଠାରେ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛୁ। ନିର୍ବାଚନ ସମୟରେ ୬୦ରୁ ୭୦ଜଣ ମଦ ତଥା ଅନ୍ୟ ନିଶା କାରବାରରେ ଜଡ଼ିତ ତଥା ସଟ୍ଟା କାରବାରରେ ଲିପ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଅନେକଙ୍କ ବିରୋଧରେ କେସ ରୁଜୁ କରାଯାଇ ଜେଲ ହାଜତକୁ ପଠାଯାଇଥିଲା। ଝାରସୁଗୁଡା ଜିଲାରେ ନିଶା କାରବାରକୁ ରୋକିବା ପାଇଁ ଝାରସୁଗୁଡା ପୋଲିସ ସବୁବେଳେ ସଜାଗ ହୋଇ ରହିଛି।

**-ରଞ୍ଜନ କୁମାର ବରିହା, ଝାରସୁଗୁଡା ଟାଉନ ଥାନା ଅଧିକାରୀ**

"ବିଶେଷ ଭାବେ ଝାରସୁଗୁଡା ଜିଲାରେ ନିଶା ଦ୍ୱାରା ଆଦିବାସୀ, ଦଳିତ ତଥା ଶ୍ରମିକ ଶ୍ରେଣୀର ଲୋକ ବେଶି କ୍ଷତିଗ୍ରସ୍ତ ହେଉଛନ୍ତି। ମଦ କାରବାରକୁ ସରକାରୀସ୍ତରରୁ ବନ୍ଦ କରିବା କଥା। ନିଶା କାରବାର ବଢ଼ିବାର ମୁଖ୍ୟ କାରଣ ହେଉଛି ମଦ ବିକିବା ପାଇଁ ସରକାର ପ୍ରୋତ୍ସାହନ ଦେଉଛନ୍ତି। ଯଦି ସରକାର ରାଜ୍ୟର ସର୍ବାଙ୍ଗୀନ ବିକାଶ ଚାହୁଁଛନ୍ତି ତେବେ ଯଥା ଶୀଘ୍ର ଏହା ଉପରେ ଗୁରୁତ୍ୱ ଦେବା କଥା।



**-ପ୍ରଭାକର ଓରାମ, ଉପଦେଷ୍ଟା, ଝାରସୁଗୁଡା ଜିଲା ଆଦିବାସୀ ସମାଜ**

"ଝାରସୁଗୁଡାରେ ମଦପାନ କରିବା ଏକ ସାଧାରଣ କଥା। ଏଠି ବିଭିନ୍ନ ପର୍ବ ପର୍ବାଣୀରେ ମଧ୍ୟ ସଂସ୍କୃତି ପରମ୍ପରା ନାରେ ମଦ ସେବନ କରୁଥିବା ବେଳେ ସରକାର ମଧ୍ୟ ରାଜସ୍ୱ ଆଦାୟ ନାରେ ମଦ ବିକ୍ରିକୁ ବୈଧ ବୋଲି ପ୍ରସ୍ତାହନ ଦେଉଛନ୍ତି। ଫଳରେ ବିଭିନ୍ନ ହିଂସା, ନାରୀ ନିର୍ଯାତନା, ଘରୋଇ କଳି ପ୍ରଭୁତି ହେଉଛି।



**-ବିବେକାନନ୍ଦ ମିଶ୍ର, ସାମାଜିକ କର୍ମୀ, ବୁରୋମାଲ ଗ୍ରାମ**

"ନିଶା କାରବାର ଜିଲାର ଯୁବପିଢିମାନଙ୍କୁ କ୍ଷତିଗ୍ରସ୍ତ କରିବାରେ ଲାଗିଛି। ପ୍ରତ୍ୟେକ ଦିନ ମଦ ତଥା ଅନ୍ୟାନ୍ୟ ନିଶା ଦ୍ରବ୍ୟ ସେବନ ଦ୍ୱାରା ଅନେକ ଘରେ କଳିଝଗଡ଼ା ହେଉଛି। ପ୍ରତ୍ୟେକ ଦିନ ବିଭିନ୍ନ ଜାଗାରେ ନିଶା ସେବନ ଦ୍ୱାରା ହିଂସା କାଣ୍ଡ ଘଟୁଛି। ସରକାରଙ୍କୁ ଏଥି ପ୍ରତି ଧ୍ୟାନ ଦେଇ ଯଥାଶୀଘ୍ର ନିଶା କାରବାର ବନ୍ଦ କରିବା କଥା।



**-ରତ୍ନାକର ପ୍ରଧାନ, ସାମାଜିକ କର୍ମୀ, ବଢ଼େଇମୁଣ୍ଡା ଗ୍ରାମ, ଝାରସୁଗୁଡା**

## ଭବିଷ୍ୟତରେ ଇଞ୍ଜିନିୟର ହେବି: ଈପ୍ସିତା ଅନନ୍ୟା

### ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡ୍ ହାସଲ କରିଛନ୍ତି



**ଅମରପାଲି,୨୭।୫(ପୀତାମ୍ବର ସାହୁ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଅମରପାଲି ଗ୍ରାମର ଶିକ୍ଷକ ପ୍ରାଣବନ୍ଧୁ ସାହୁ ଓ ଗୃହିଣୀ ପ୍ରଭାସିନୀ ସାହୁଙ୍କ ଝିଅ ଈପ୍ସିତା ଅନନ୍ୟା ସାହୁଚଳିତ ମାଟ୍ରିକ ପରୀକ୍ଷାରେ ୯୨ ପ୍ରତିଶତ ନମ୍ବର ରଖି ଏ -୧ଗ୍ରେଡ ହାସଲ କରିଛନ୍ତି। ସୋନପୁର ସାହାରା ଟ୍ରଷ୍ଟ ହାଇସ୍କୁଲରେ ଅଧ୍ୟୟନ କରୁଥିବା ଈପ୍ସିତା ପରୀକ୍ଷା ପାଇଁ ଦୈନିକ ୧୦ରୁ ୧୨ ଘଣ୍ଟା ପରିଶ୍ରମ କରିଥିଲେ। ତାଙ୍କର ଏହି ସଫଳତା ପାଇଁ ସେ ତାଙ୍କ ମା' ବାପା, ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଶ୍ରେୟ ଦେଇଛନ୍ତି। ଭବିଷ୍ୟତରେ ସେ ଜଣେ ଇଞ୍ଜିନିୟର ହେବାର ଲକ୍ଷ୍ୟ ରଖିଛନ୍ତି। ପିଲାଟି ଦିନରୁ ଜଣେ ମେଧାବୀ ଛାତ୍ରୀ ଥିବା ଈପ୍ସିତା ବିଭିନ୍ନ ସମୟରେ ଜିଲା ଓ ରାଜ୍ୟସ୍ତରୀୟ କୁଇଜ, ଚିତ୍ରାଙ୍କନ ଏବଂ ବିଭିନ୍ନ ପ୍ରତିଯୋଗିତାରେ ସଫଳତା ହାସଲ କରିବା ସହିତ ବୃତ୍ତି ମଧ୍ୟ ପାଇଛନ୍ତି। ଈପ୍ସିତା ଗାଁ ସ୍କୁଲରେ ପ୍ରାଥମିକ ଶିକ୍ଷା ପରେ ସହାରା ଟ୍ରଷ୍ଟ ହାଇସ୍କୁଲରେ ଅଧ୍ୟୟନ କରୁଥିଲେ।

# ଧାନକ୍ରୟ ଅବ୍ୟବସ୍ଥା ନେଇ ମହିଳା ହାତାହାତି

- ମଣ୍ଡିରେ ବସିଲା ତ୍ରିପାକ୍ଷିକ ବୈଠକ
- ୫ଦଫା ଦାବି କଲେ ଚାଷୀ ପ୍ରତିନିଧି
- ଏସ୍ଏଚଜିକୁ ବାଦ୍ ଦେବାକୁ ଦାବି
- ଦାବି ପୂରଣ ନ ହେଲେ ରାସ୍ତାରୋକୋ

**ବରଗଡ଼,୨୭।୫(ପ୍ରେମାନନ୍ଦ ଖମାରୀ)**



ସହରାଟିକ୍ରା ଧାନମଣ୍ଡିରେ ତ୍ରିପାକ୍ଷିକ ବୈଠକ ।

ବରଗଡ଼ ଜିଲାରେ ରବି ଧାନ ସଂଗ୍ରହ ପ୍ରକ୍ରିୟା ଚିରାଚରିତ ଢ଼ଙ୍ଗରେ ଚାଲିଛି। ତେବେ ଜିଲାର କେତେକ ମଣ୍ଡିରେ ଧାନ ଉଠାଣ ବିଳମ୍ବ ଏବଂ ମନ୍ଥର ହେବା, କଟନିଛଟନି ଆଳ ଦେଖାଇ କୁଇଣ୍ଟାଲ ପ୍ରତି ୨ରୁ ୫କି.ଗ୍ରା ଲେଖାଏ ଧାନ କଟାଯିବା, କଟନିଛଟନିରେ ରାଜି ନ ହେଲେ ମଣ୍ଡି କାଗଜାତ୍‌ରେ ମଣ୍ଡିକୁ ଆସିଥିବା ଧାନକୁ ଏଣ୍ଟ୍ରି କରା ନ ଯିବା, ମଣ୍ଡି ଏବଂ ରାଇସ ମିଲ୍‌ରେ ଧାନ ଓଜନ, ଆର୍ଦ୍ରତାରେ ତାରତମ୍ୟ ରହିବା ଭଳି ଚାଷୀମାନେ ଗୁରୁତର ଅଭିଯୋଗ କରୁଛନ୍ତି। ଏଭଳି ଅଭିଯୋଗ କରି ଚାଷୀମହଲରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହି କ୍ରମରେ ସୋମବାର ଅତାବିରା ନିୟନ୍ତ୍ରୀତ ବଜାର କମିଟି(ଆର୍ଏମସି) ଅଧୀନ ଭେଡ଼େନ ବ୍ଲକ ଅନ୍ତର୍ଗତ ସହରାଟିକ୍ରା ଧାନମଣ୍ଡିରେ ଅସନ୍ତୋଷର ନିଆଁ ଦେଖିବାକୁ ମିଳିଥିଲା। ଉକ୍ତ ଧାନମଣ୍ଡିରେ ଏକ ସ୍ୱୟଂ ସହାୟକ ଗୋଷ୍ଠି (ଏସ୍ଏଚ୍‌ଜି) ଜରିଆରେ ଯୋଗାଣ ନିଗମ ଧାନ କିଣୁଥିବାବେଳେ ଧାନ କିଣାବିକାକୁ ନେଇ ମଣ୍ଡି ଭିତରେ ମହିଳାମାନେ ହାତାହାତି ହେବା ଏବଂ ଘଟଣାସ୍ଥଳରେ ଭେଡ଼େନ ପୋଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିବା ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଅନୁଯାୟୀ, ସହରାଟିକ୍ରା ମଣ୍ଡିରେ ସହରାଟିକ୍ରା, ବହଲପାଲି, ଦେହେରୀପାଲି, ବର୍ଗର୍ତ୍ତୀଟିକ୍ରା ସମେତ ଆଖପାଖ ଗ୍ରାମର ଚାଷୀମାନେ ଧାନ ବିକ୍ରି କରିଥାନ୍ତି। ଏଠାରେ ଏକ ସ୍ୱୟଂ ସହାୟକ ଗୋଷ୍ଠିକୁ ଧାନକ୍ରୟ ଦାୟିତ୍ୱ ଦିଆଯାଇଛି। ତେବେ ବହଲପାଲି ଗ୍ରାମର କେତେକ ଚାଷୀ ଉକ୍ତ ମଣ୍ଡିକୁ ବିକ୍ରି ପାଇଁ ଧାନ ଆଣିଥିବାବେଳେ କଟନିଛଟନି ଆଳରେ ସେମାନଙ୍କ ଧାନ ଉଠାଯାଉ ନ ଥିବା ସମ୍ପୃକ୍ତ ଚାଷୀମାନେ ଅଭିଯୋଗ କରିଛନ୍ତି। ତେବେ ଧାନ ବିକ୍ରି ପାଇଁ ଉକ୍ତ ଗ୍ରାମର ଚାଷୀମାନେ ମଣ୍ଡିକୁ ଆସିଥିବାବେଳେ ତାକୁ ନେଇ ଅସନ୍ତୋଷ ଦେଖାଯାଇଥିଲା। ଏପରିକି ଧାନକ୍ରୟ ଦାୟିତ୍ୱରେ ରହିଥିବା ଏସ୍ଏଚ୍‌ଜି କର୍ମକର୍ତ୍ତା ଏବଂ ସମ୍ପୃକ୍ତ ଚାଷୀଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ତେବେ କଥା କଟାକଟି ହେବା ପରେ ଚାଷୀମାନେ ଘରକୁ ଫେରି ଯାଇଥିଲେ। କିଛି ସମୟରେ ବହଲପାଲି ତଥା ଆଖପାଖ ଗ୍ରାମର ସମ୍ପୃକ୍ତ ଚାଷୀ ପରିବାରର ଶତାଧିକ ମହିଳାମନେ ସଂଘବଦ୍ଧ ଭାବେ ସହରାଟିକ୍ରା ମଣ୍ଡିରେ ପହଞ୍ଚିଥିଲେ। ସେମାନେ ମଣ୍ଡିକୁ ପହଞ୍ଚିବା ପରେ ତୁମୁଳକାଣ୍ଡ ହୋଇଥିଲା। ଧାନକ୍ରୟ ଦାୟିତ୍ୱରେ ରହିଥିବା ସ୍ୱୟଂ ସହାୟକ ଗୋଷ୍ଠି ଏବଂ ମଣ୍ଡିକୁ ଆସିଥିବା ମହିଳାମାନେ ହାତାହାତି ହୋଇଥିଲେ। ଏପରିକି ସ୍ୱୟଂ ସହାୟକ ଗୋଷ୍ଠିର ଜଣେ ଆହତ ମହିଳାଙ୍କୁ ଆମ୍ବୁଲାନ୍ସ ଯୋଗେ ଭେଡ଼େନ ଡାକ୍ତରଖାନାକୁ ମଧ୍ୟ ନିଆଯାଇଥିବା ସୂଚନା ମିଳିଛି।

ତେବେ ଘଟଣା ସମ୍ପର୍କରେ ଖବର ପାଇ ଭେଡ଼େନ ପୋଲିସ ସମେତ ଯୋଗାଣ ଅଧିକାରୀ ବ୍ୟୋମକେଶ ମାଝି, ଭେଡ଼େନ ଅତିରିକ୍ତ ତହସିଲଦାର ଦେବାନନ୍ଦ ସାହୁ, ଅତାବିରା ନିୟନ୍ତ୍ରୀତ ବଜାର କମିଟି ସମ୍ପାଦକ ଡୋଲାମଣି ପୁରୋହିତ ପ୍ରମୁଖ ମଣ୍ଡିରେ ପହଞ୍ଚିଥିଲେ। ସେହିପରି ସଂଯୁକ୍ତ କୃଷକ ସଂଗଠନର ଉପଦେଷ୍ଟା ରମେଶ ମହାପାତ୍ରଙ୍କ ସମେତ ଅନେକ ଚାଷୀ ପ୍ରତିନିଧି ମଣ୍ଡିକୁ ଆସିଥିଲେ। ସେମାନେ ପହଞ୍ଚିବା ପରେ ପରିସ୍ଥିତି ଆୟତ୍ତ ହୋଇଥିଲା। ପରେ ଚାଷୀ ପ୍ରତିନିଧି, ପ୍ରଶାସନିକ ଅଧିକାରୀ ଏବଂ ପୋଲିସ ଉପସ୍ଥିତିରେ ଏକ ବୈଠକ ହୋଇଥିଲା। ବୈଠକରେ ଚାଷୀ ପ୍ରତିନିଧିମାନେ ସେମାନଙ୍କ ଅସନ୍ତୋଷ ପ୍ରକାଶ କରିଥିଲେ। ମଣ୍ଡିକୁ ଆସୁଥବା ସବୁଧାନକୁ ମଣ୍ଡି କାଗଜାତ୍‌ରେ ଏଣ୍ଟ୍ରି କରାଯିବା, କଟନିଛଟନି ବନ୍ଦ କରାଯିବା, ଚାଷୀଙ୍କୁ ବସ୍ତା ଯୋଗାଇବା, ମଣ୍ଡି ପରିଚାଳନା ଠିକ୍ କରାଯିବା, ମଣ୍ଡି ଓ ମିଲ୍ ପଏଣ୍ଟରେ ସମାନ ଧାନର ଓଜନ, ଆର୍ଦ୍ରତାରେ ଦେଖାଯାଉଥିବା ତାରତମ୍ୟର ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ନିଆଯିବା ଏବଂ ଧାନକ୍ରୟ ଦାୟିତ୍ୱରୁ ସମ୍ପୃକ୍ତ ସ୍ୱୟଂ ସହାୟକ ଗୋଷ୍ଠିକୁ ବାଦ୍ ଦେଇ ଅନ୍ୟ ଧାନକ୍ରୟ ସଂସ୍ଥା ଜରିଆରେ ଠିକ୍ ଭାବେ ଧାନ କିଣାଯିବାକୁ ଚାଷୀ ପ୍ରତିନିଧିମାନେ ଦାବି କରିଥିଲେ। ଉକ୍ତ ଦାବି ସମୂହ ପୂରଣ ନ ହେଲେ ଚାଷୀମାନେ ଗୁରୁବାରରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ରାସ୍ତାରୋକୋ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଘଟଣାକୁ ନେଇ ଅଞ୍ଚଳରେ ଚାପା ଉତ୍ତେଜନା ଜାରି ରହିଥିବାବେଳେ ପୋଲିସ ସେଥିପ୍ରତି ନଜର ରଖିଛି।

## ଉଲୁଣ୍ଡା, ଖୁଣ୍ଟୁଲାପାଲି ବିଜୟୀ

### କୋଟସମଲେଇ ପ୍ରିମିୟର ଲିଗ କ୍ରିକେଟ

**ଅମରପାଲି,୨୭।୫(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କୋଟସମଲେଇ ଗ୍ରାମରେ ଚାଲିଥିବା ୧୪ ତମ କୋଟସମଲେଇ ପ୍ରିମିୟର ଲିଗ କ୍ରିକେଟର ସୋମବାର ଥିଲା ଦ୍ୱିତୀୟ ଦିବସ। ଦିବସରେ ଦୁଇଟି ମ୍ୟାଚ ଖେଳା ହୋଇଥିଲା। ପ୍ରଥମ ମ୍ୟାଚ ନାକଡେଇଁ ଓ ଉଲୁଣ୍ଡା ମଧରେ ଓ ଦ୍ୱିତୀୟ ମ୍ୟାଚ ବୈରାଗିପାଲି ଓ ଖୁଣ୍ଟୁଲାପାଲି ମଧରେ ହୋଇଥିଲା। ପ୍ରଥମ ମ୍ୟାଚରେ ଉଲୁଣ୍ଡା ଓ ଦ୍ୱିତୀୟ ମ୍ୟାଚରେ ଖୁଣ୍ଟୁଲାପାଲି ଦଳ ବିଜୟୀ ହୋଇଛି। ପ୍ରଥମ ମ୍ୟାଚରେ ଉଲୁଣ୍ଡା ଦଳ ଟସ୍ ଜିଣି ନାକଡେଇଁକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ନାକଡେଇଁ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୭ ଉଇକେଟ ହରାଇ ୯୫ ରନ କରିଥିଲା। ଜବାବରେ ଉଲୁଣ୍ଡା ଦଳ ୯ ଓଭରରେ ୪ ଉଇକେଟ ହରାଇ ୯୬ରନ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଖୁଣ୍ଟୁଲାପାଲି ଓ ବୈରାଗିପାଲି ମଧରେ ହୋଇଥିଲା। ବୈରାଗିପାଲି ଦଳ ୧୦ଓଭରରେ ୭ ଉଇକେଟ ହରାଇ ୪୮ରନ କରିଥିଲା। ଜବାବରେ ଖୁଣ୍ଟୁଲାପାଲି ଦଳ ଆବଶ୍ୟକ ରନକୁ ୩.୩ ଓଭରରେ ଗୋଟିଏ ଉଇକେଟ ହରାଇ ହାସଲ ବିଜୟୀ ହୋଇଥିଲା। ମ୍ୟାଚଗୁଡିକରେ ଅନୀଲ ସେଠୀ ଓ ରୋହିତ ମଲ୍ଲିକ ଅମ୍ପେୟାର, ବିଦ୍ୟା ସେଠୀ ସ୍କୋରିଂ ଏବଂ ବିଶ୍ୱନାଥ ବାରିକ ଧାରା ବିବରଣୀ ପ୍ରଦାନ କରିଥିଲେ।

## ମାଟ୍ରିକ୍ ଜିଲା ଟପ୍ପରଙ୍କୁ ପ୍ରଶାସନର ସମ୍ବର୍ଦ୍ଧନା

**ବରଗଡ଼,୨୭।୫(ପ୍ରେମାନନ୍ଦ ଖମାରୀ)**

ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା(ମାଟ୍ରିକ)ରେ ବରଗଡ଼ ଜିଲା ଅତାବିରା ବ୍ଲକ ଲାଦେରପାଲିସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଗବେଷଣା କେନ୍ଦ୍ରର ଛାତ୍ର ଶୁଭଙ୍କର ସାହୁ ସର୍ବାଧିକ ୯୭.୧୭ ପ୍ରତିଶତ ମାର୍କ ରଖି ଜିଲା ଟପ୍ପର ହୋଇଛନ୍ତି। ମା' ସରମା ନାଏକ ଏବଂ ବାପା କୁଳମଣି ସାହୁଙ୍କ ପୁଅ ଶୁଭଙ୍କର ଏଭଳି ସଫଳତା ପାଇ ଜିଲା ପାଇଁ ଗର୍ବ, ଗୌରବ ଆଣିଛନ୍ତି। ତାଙ୍କର ଏଭଳି ସଫଳତାରେ ଶୁଭଙ୍କରଙ୍କୁ ସୋମବାର ଜିଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଭବିଷ୍ୟତରେ ସିଭିଲ ସର୍ଭିସ୍‌କୁ ଜୀବନର ଲକ୍ଷ୍ୟ ରଖିଥିବା ଶୁଭଙ୍କରଙ୍କୁ ଜିଲାପାଳ ଆଦିତ୍ୟ ଗୋୟଲ ସମ୍ବର୍ଦ୍ଧିତ କରିବା ସହିତ ଶୁଭେଚ୍ଛା ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ଜିଲା ବିଜ୍ଞାନ ନିରୀକ୍ଷକ ଧିରୋଜ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ବର୍ଦ୍ଧନା ସମୟରେ ଶୁଭଙ୍କରଙ୍କ ମା, ବାପା ମଧ୍ୟ ଉପସ୍ଥିତ ଥିଲେ।



ମାଟ୍ରିକ ଟପ୍ପରଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି ।

## ବିଷ ପିଇ ବୃଦ୍ଧଙ୍କ ଆତ୍ମହତ୍ୟା, କାରଣ ଅସ୍ପଷ୍ଟ

**ପଦ୍ମପୁର,୨୭।୫(ପ୍ରଦୀପ୍ତ ଦାଶ):** ପଦ୍ମପୁର ନିକଟସ୍ଥ ସରକଟପାଲରେ ପୁରନ୍ଦର ପଟେଲ ନାମକ ଜଣେ ୬୫ବର୍ଷର ବୃଦ୍ଧ ବିଷ ପିଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ରାତିରେ ବିଷ ପାନ କରିଥିବା ଜାଣି ଘରେ ଥିବା ଅନ୍ୟମାନେ ପ୍ରଥମେ ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ଅବସ୍ଥା ଗୁରୁତର ଥିବାରୁ ବରଗଡ଼ ଓ ପରେ ବୁର୍ଲାକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ସେଠାରେ ମୃତ୍ୟୁ ଘଟିଛି। ପାରିପାର୍ଶ୍ୱିକ ସ୍ଥିତିରୁ ଘରୋଇ କଳିରୁ ଏପରି ପଦକ୍ଷେପ ନେଇଥିବା ସନ୍ଦେହ କରାଯାଉଛି। ଏ ସମ୍ପର୍କରେ ଅଧିକ ତଥ୍ୟ ଜାଣିବାକୁ ବାରମ୍ବାର ତାଙ୍କ ଘର ସହ ଯୋଗାଯୋଗ କରାଯାଇଥିଲେ ମଧ ସମ୍ଭବ ହୋଇପାରି ନାହିଁ। ଅପରାହ୍ନରେ ମରଶରୀରର ନିଜ ଗାଁ ସରକଟପାଲି ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶରେ ଶବ ସତ୍କାର କରାଯାଇଥିଲା।

## ସୁକାନ୍ତି ଏକାଡେମୀର ଶତ ପ୍ରତିଶତ ସଫଳତା



ଆଶା ବାରିକ।



ଶାନ୍ତିଲତା ନେପାକ।



ସ୍ୱାଗତ ହୋତା।

**ଆଶା ବାରିକ୍ ସୁବର୍ଣ୍ଣପୁର ଜିଲା ଟପ୍ପର**

**୯୦ ପ୍ରତିଶତ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ**

**ସୋନପୁର,୨୭।୫(ମୃତ୍ୟୁଞ୍ଜୟ ଶତପଥୀ)**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ସୋନପୁର ଧୋବାମୁଣ୍ଡାସ୍ଥିତ ସୁକାନ୍ତି ଏକାଡେମୀକୁ ଶତ ପ୍ରତିଶତ ସଫଳତା ମିଳିଛି। ଚଳିତବର୍ଷ ଯୁକ୍ତ ୨ ବିଜ୍ଞାନରେ ୧୬୫ ଜଣ ପରୀକ୍ଷା ଦେଇଥିବା ବେଳେ ସମସ୍ତେ ପାସ କରିଛନ୍ତି। ୯୦ପ୍ରତିଶତ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏଥିରେ ତିନି ଜଣ ୯୦% ରୁ ଅଧିକ ନମ୍ବର ରଖିଛନ୍ତି। ସେମାନେ ହେଲେ ଆଶା ବାରିକ ୫୫୮ମାର୍କ(୯୩%), ଶାନ୍ତିଲତା ନେପାକ ୫୪୨ମାର୍କ(୯୦.୩୩%) ଓ ସ୍ୱାଗତ ହୋତା ୫୪୦ମାର୍କ(୯୦%)। ୧୯ଛାତ୍ରୀଛାତ୍ର ୫୦୦ରୁ ଉର୍ଦ୍ଧ୍ୱ ନମ୍ବର ରଖିଛନ୍ତି। ସେହିପରି ୮୦%ରୁ ଅଧିକ ୩୦ ଜଣ, ୭୦%ରୁ ଅଧିକ ୯୦ଜଣ ଏହିପରି ୧୪୯ଜଣ ପ୍ରଥମ ଶ୍ରେଣୀରେ ପାସ କରିଛନ୍ତି। ୧୫ଜଣ ଛାତ୍ରୀଛାତ୍ର ବିଜ୍ଞାନ ବିଷୟରେ ୯୦%ରୁ ଉର୍ଦ୍ଧ ନମ୍ବର ରଖିଛନ୍ତି। କିଛି ଛାତ୍ରୀଛାତ୍ର ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ ଓ ପ୍ରାଣୀ ବିଜ୍ଞାନ ଭଳି ବିଷୟରେ ଫୁଲମାର୍କ ଆଣିଛନ୍ତି। ଝାରସୁଗୁଡା ଜିଲା ଲଖନପୁର ବ୍ଲକ ଏମ କର୍ତ୍ତନପାଲି ଗ୍ରାମର ମୀନା ବାରିକ୍ ଓ ମୁରଲିଙ୍କ ଝିଅ ଆଶା ବାରିକ ସୁବର୍ଣ୍ଣପୁର ଜିଲା ଟପ୍ପର ହୋଇଛନ୍ତି। ଛାତ୍ରୀଛାତ୍ରମାନେ ଏହି ସଫଳତା ପାଇଁ କଲେଜର ଚେୟାରମ୍ୟାନ୍, ସମ୍ପାଦକ, ଅଧକ୍ଷ ଓ ଅଧାପିକା ଅଧାପକଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ବିଦ୍ୟୁତ୍ କାଟ୍ ନେଇ ଉପଭୋକ୍ତାଙ୍କ ଧାରଣା

**ଡୁଙ୍ଗୁରିପାଲି, ୨୭।୫(ଦୀନବନ୍ଧୁ ସୁନା)**



ବିଦ୍ୟୁତ୍ କାଟ୍ ସମସ୍ୟା ନେଇ ସୋମବାର ବହୁ ଉପଭୋକ୍ତା ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଚେରୁପାଲି ଗ୍ରୀଡ ଅଫିସରେ ଧାରଣା ଦେଇଥିଲେ। ପରେ ସେମାନେ ଗ୍ରୀଡ ସେକ୍ସନ ଅଧିକାରୀଙ୍କୁ ଦାବିପତ୍ର ଦେଇଥିଲେ। ଦାବିପତ୍ର ଗ୍ରହଣ କରି ସେକ୍ସନ ଅଧିକାରୀ ଧରମବୀର ସାହୁ ଏକଜିକ୍ୟୁଟିଭ ଇଞ୍ଜିନିୟରଙ୍କୁ ଅବଗତ କରିଥିଲେ। କଥାବାର୍ତ୍ତା ପରେ ଆସନ୍ତା ୨୯ତାରିଖରେ ଅଧିକାରୀମାନେ ସମସ୍ୟାର ସମାଧାନ କରିବେ ବୋଲି ସେକ୍ସନ ଅଧିକାରୀ ସାହୁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ପରେ ବିଦ୍ୟୁତ୍ ଧାରଣାରୁ ଓହରି ଥିଲେ। ଧାରଣାରେ ମୃତ୍ୟୁଞ୍ଜୟ ମିଶ୍ର, ଜ୍ୟୋତି ମିଶ୍ର, ଗୋପାଳ ବାରିକ, ଲବ ପଧାନ, ବିପ୍ରଚରଣ ସାହୁ, ବାବେ ଭରାସାଗରିଆ ପ୍ରମୁଖ ଉପସ୍ଥିତ ଥିଲେ।

## ବରିଷ୍ଠ ହତାଦର ସଚେତନତା କର୍ମଶାଳା



କର୍ମଶାଳାରେ ଯୋଗଦାନ କରିଥିବା ବରିଷ୍ଠ ନାଗରିକବୃନ୍ଦ ।

**ବରଗଡ଼,୨୭।୫(ପ୍ରେମାନନ୍ଦ ଖମାରୀ**

ବରଗଡ଼ ସଂସ୍କାର ଇଣ୍ଟର ନ୍ୟାଶନାଲ ସ୍କୁଲ ସମ୍ମିଳନୀ କକ୍ଷରେ ସୋମବାର ବରିଷ୍ଠ ହତାଦର ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲାର ଅମ୍ବାଭୋନା, ଭଟଲି, ବରପାଲି, ଝାରବନ୍ଧ ବ୍ଲକର ନାଗରିକ ସଂଘ କର୍ମକର୍ତ୍ତା, ବରଗଡ଼ ମହିଳା ସମିତି, ରାଷ୍ଟ୍ରୀୟ କବି ସଙ୍ଗମ ଅନୁଷ୍ଠାନର ସମୁଦାୟ ୬୦ଜଣ ଯୋଗଦାନ କରିଥିଲେ। ମା' ସମଲେଶ୍ୱରୀଙ୍କ ଫଟୋଚିତ୍ର ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ ସହିତ ପୂଜାର୍ଚ୍ଚନା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଜିଲା ବରିଷ୍ଠ ନାଗରିକ ସଂଘ ସଭାପତି ପ୍ରମୋଦ ଝାଙ୍କର ସ୍ୱାଗତ ଭାଷଣ ଦେଇଥିଲେ। ସଙ୍ଗଠନ ସମ୍ପାଦକ କେଦାର ମିଶ୍ର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସମ୍ପାଦକ ଗୋବିନ୍ଦ ଦାଶ କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ସଂସ୍କାର ଇଣ୍ଟର ନ୍ୟାଶନାଲ ସ୍କୁଲର ଚେୟାରମ୍ୟାନ ସୁମନ ସାୱାଡ଼ିଆଙ୍କୁ ସମ୍ମାନିତ କରାଯାଇଥିଲା। ତେବେ ଏଭଳି କାର୍ଯ୍ୟକ୍ରମ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ପରାମର୍ଶରେ ସଫଳତାର ସହିତ ୬ଟି କଲେଜରେ ଅନୁଷ୍ଠିତ ହୋଇ ସାରିଥିବା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଏହି କ୍ରମରେ ପଞ୍ଚାୟତ କଲେଜର ତତ୍କାଳୀନ ଅଧ୍ୟକ୍ଷ ପତିତପାବନ ସାହୁ, କଟାପାଲି ଡିଗ୍ରୀ କଲେଜ ଅଧ୍ୟକ୍ଷା ଦିପ୍ତୀମୟୀ ପାଣିଗ୍ରାହୀ, ବରଗଡ଼ ପାର୍ବତୀ ଗିରି ମହିଳା କଲେଜ ଅଧ୍ୟକ୍ଷ ଦଧିବାମନ ଦାଶ, ତୋରା କଲେଜର ଅଧ୍ୟକ୍ଷ ଶ୍ରୀରାମ କରଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ସଂଘର ସଭ୍ୟ ଗୌରଚନ୍ଦ୍ର କର, ପବିତ୍ର ସରାଫ, ଚନ୍ଦ୍ରଶେଖର ସାହୁ, ଦେବୀ ପଟ୍ଟନାୟକ, ପ୍ରସନ୍ନ ପ୍ରଧାନ, ସନ୍ତୋଷ ଦାଶ, ତୁଳସୀ ଚରଣ ଦାଶ, ଅଶୋକ ପଶାୟତ, ଅଶ୍ୱିନୀ ସାହୁ, ରୂପେଶ୍ୱର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସଂଘ ସହସମ୍ପାଦକ କାହ୍ନୁଚରଣ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

## ଆଲୋଚନା ପରେ ଆନ୍ଦୋଳନ ସ୍ଥଗିତ

**ବରଗଡ଼,୨୭।୫(ପ୍ରେମାନନ୍ଦ ଖମାରୀ)**



ବୈଠକରେ ଉପସ୍ଥିତ ଚାଷୀ ପ୍ରତିନିଧିବୃନ୍ଦ ।

ବରଗଡ଼ ଜିଲାରେ ବିଦ୍ୟୁତ୍ ସମସ୍ୟା ନେଇ ଅସନ୍ତୋଷ ଦେଖାଯାଇଛି। ଏହି କ୍ରମରେ ଜିଲାର ବିଭିନ୍ନ ସଙ୍ଗଠନଗୁଡ଼ିକ ଏହାର ଅଭିନବ ପ୍ରତିବାଦ କରି ଆସୁଛନ୍ତି। ଗତ କିଛିଦିନ ତଳେ ଅମ୍ବାଭୋନାରେ ସ୍ଥାନୀୟ ବାରପାହାଡ଼ କୃଷକ ସଙ୍ଗଠନ ନେତୃତ୍ୱରେ ଚାଷୀମାନେ ସେମାନଙ୍କ ଉଠାଜଳସେଚନ ପ୍ରକଳ୍ପଗୁଡ଼ିକରେ ଲାଗିଥିବା ସ୍ମାର୍ଟ ମିଟରଗୁଡ଼ି କାଢ଼ି ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟାଳୟରେ ଜମା ଦେଇଥିଲେ। ତେବେ ସୋମବାର ଭଟଲି ବ୍ଲକରେ ସ୍ଥାନୀୟ ଚାଷୀ ସଙ୍ଗଠନ କୃଷକ ପରିବାର ପକ୍ଷରୁ ଅଭିନବ ପ୍ରତିବାଦ କରିବାର କାର୍ଯ୍ୟକ୍ରମ ରହିଥିଲା। ମାତ୍ର ପ୍ରଶାସନିକ ଅଧିକାରୀଙ୍କ ସହିତ ଆଲୋଚନା ପରେ ଆସନ୍ତା ଜୁନ ୧୭ ତାରିଖ ପର୍ଯ୍ୟନ୍ତ ସେହି ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି ବୋଲି ଚାଷୀ ସଙ୍ଗଠନ ଭଟଲି କୃଷକ ପରିବାର ପକ୍ଷରୁ ସୂଚନା ଦିଆଯାଇଛି।

ଜିଲାରେ ଅହେତୁକ ବିଦ୍ୟୁତ କାଟ୍, ଲୋ ଭୋଲଟେଜ, ମାତ୍ରାଧିକ ବିଦ୍ୟୁତ ବିଲ୍ ଆଦାୟ କରାଯାଉଥିବା ଅଭିଯୋଗ ହୋଇଛି। ଏହାକୁ ଜିଲାର ଚାଷୀ ସଙ୍ଗଠନଗୁଡ଼ିକ ବିରୋଧ କରି ଆସୁଛନ୍ତି। କୃଷି କ୍ଷେତ୍ରରେ ବିଦ୍ୟୁତ ବିଲ୍ ଛାଡ଼, ଲୋ ଭୋଲଟେଜ ସମସ୍ୟା ସମାଧାନ, ବିଦ୍ୟୁତ୍ କାଟ୍ ନ କରିବା, ଉଦେପାଲି ଗ୍ରୀଡ଼ରୁ ସିଧାସଳଖ ହାଲୁପାଲି, ଉଦେପାଲି, ଭଡ଼ିଗାଁ, ଗୌଡ଼ଗାଁକୁ ବିଦ୍ୟୁତ ସଂଯୋଗ ପାଇଁ ଭଟଲି କୃଷକ ପରିବାର ଦାବି କରିଛି। ଏହି ଦାବି ନେଇ ସ୍ମାର୍ଟ ମିଟର କାଢ଼ି ନେଇ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟାଳୟରେ ଜମା ଦେବା ପାଇଁ ଉକ୍ତ ଚାଷୀ ସଙ୍ଗଠନ ନିଷ୍ପତ୍ତି ନେଇଥିଲା। ତେବେ ବରଗଡ଼ ଉପଜିଲାପାଳ କୁମାର ନାଗଭୂଷଣଙ୍କ ନିର୍ଦ୍ଦେଶକ୍ରମେ ରବିବାର ଏକ ବୈଠକ ବସିଥିଲା। ବୈଠକରେ ଭଟଲି କୃଷକ ପରିବାରର ଚାଷୀ ପ୍ରତିନିଧିଙ୍କ ସମେତ ଭଟଲି ଥାନା ଅଧିକାରୀ ବିଭୁତି ଭୂଷଣ ସାହୁ, ଟିପିଡବ୍ଲୁଓଡିଏଲର ଜୋନାଲ ହେଡ୍ ସୁରେନ୍ଦ୍ରହୋତା, ରାମ କୁମାର ପଣ୍ଡା, ବିଡିଓ ଏସ. ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଚାଷୀ ପ୍ରତିନିଧି ଭାବେ ସଂଯୁକ୍ତ କୃଷକ ସଙ୍ଗଠନ ଆବାହକ ରମେଶ ମହାପାତ୍ର, ବାରପାହାଡ଼ କୃଷକ ସଙ୍ଗଠନର ଇଶାନ୍ତ ଭୋଇ ଏବଂ ଭଟଲି କୃଷକ ପରିବାରର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ବିଭାଗୀୟ ଅଧିକାରୀମାନେ ୧୫ ଦିନ ପର୍ଯ୍ୟନ୍ତ ଆନ୍ଦୋଳନ ନ କରିବା ପାଇଁ ଚାଷୀ ସଙ୍ଗଗନକୁ ଅନୁରୋଧ କରିଥିଲେ। ଏହି ଅବଧିରେ ଉପରୋକ୍ତ ଦାବିସମୂହ ପୂରଣ ନ ହେଲେ ସେମାନେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ବାଧ୍ୟ ହେବେ ବୋଲି ଚାଷୀ ପ୍ରତିନିଧିମାନେ ଚେତାବନୀ ଦେଇଛନ୍ତି।

## କ୍ରିଷ୍ଣା ବିକାଶରେ ସଫଳ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

**ବରଗଡ଼,୨୭।୫(ପ୍ରେମାନନ୍ଦ ଖମାରୀ)**




କ୍ରିଷ୍ଣା ବିକାଶ ଗ୍ରୁପ୍ କର୍ତ୍ତୃପକ୍ଷଙ୍କ ଗହଣରେ ସଫଳ ଛାତ୍ରୀଛାତ୍ର, ଅଭିଭାବକବୃନ୍ଦ।

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ପରିଚାଳିତ ଯୁକ୍ତ୨ ପରୀକ୍ଷାଫଳରେ ବରଗଡ଼ର ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଉକ୍ତ ଶିକ୍ଷାନୁଷ୍ଠାନର ୫୦୦ରୁ ଅଧିକ ମାର୍କ ରଖିଥିବା ଛାତ୍ରୀଛାତ୍ର ଏବଂ ସେମାନଙ୍କ ଅଭିଭାବକଙ୍କୁ ସୋମବାର ସ୍ଥାନୀୟ କ୍ରୀଷ୍ଣା ବିକାଶ ଅଡିଟୋରିୟମରେ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ରୀଷ୍ଣା ବିକାଶର ଡାଇରେକ୍ଟର ଡଃ ସମରେନ୍ଦ୍ରନାଥ ପଣ୍ଡା ଏବଂ ସମସ୍ତ ଅଧ୍ୟକ୍ଷ, ଉପାଧ୍ୟକ୍ଷଙ୍କ ଉପସ୍ଥିତିରେ ଯୁକ୍ତ ୨ର ୫୨ ଛାତ୍ରୀଛାତ୍ର ଏବଂ ସେମାନଙ୍କ ମା'ବାପା ଏବଂ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅଧ୍ୟକ୍ଷ ନାରାୟଣ ରଥ ପରୀକ୍ଷଫଳ ସମ୍ପୂର୍ଣ୍ଣ ବିବରଣୀ ଉପସ୍ଥାପନ କରିଥିଲେ। ପ୍ରକାଶଥାଉ କି, ଯୁକ୍ତ ୨ ପରୀକ୍ଷରେ ବରଗଡ଼ର ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୬ ଛାତ୍ରୀଛାତ୍ରୀ ୯୦%ରୁ ଉର୍ଦ୍ଧ୍ୱ, ୫୨ଛାତ୍ରୀଛାତ୍ର ୫୦୦ରୁ ଉର୍ଦ୍ଧ୍ୱ ମାର୍କ ରଖି ଉକ୍ତ ଶିକ୍ଷାନୁଷ୍ଠାନକୁ ଓଡ଼ିଶାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବେ ପ୍ରତିଷ୍ଠିତ କରି ପାରିଛନ୍ତି। ଏତଦବ୍ୟତୀତ ୮୧ଜଣ ୮୦%ରୁ ଉର୍ଦ୍ଧ୍ୱ, ୩୨୭ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଉକ୍ତ ଅନୁଷ୍ଠାନର ୯୨ ଛାତ୍ରୀଛାତ୍ର ଜେଇଇ ମେନ ପରୀକ୍ଷାରେ ସଫଳ ହେବା ସହିତ ଅନେକ ଛାତ୍ରୀଛାତ୍ର ଆଇଆଇଟି ଏବଂ ଏନଆଇଟିରେ ଆଡ୍‌ମିଶନ ନେବା ପାଇଁ ଆଶା ରଖିଛନ୍ତି। ସେହିପରି ୫୨ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ସର୍ବଭାରତୀୟ ମେଡିକାଲ ପ୍ରବେଶିକା ପରୀକ୍ଷା(ନିଟ୍)ରେ କୃତକାର୍ଯ୍ୟ ହୋଇ ସରକାରୀ ମେଡ଼ିକାଲ କଲେଜରେ ନାମ ଲେଖାଇବା ପାଇଁ ଆଶା ରଖିଛନ୍ତି।

କ୍ରିଷ୍ଣା ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ମୁରଲୀ କ୍ରିଷ୍ଣା ସମସ୍ତ କୃତୀ ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ ଉଚ୍ଚମାନର ଫଳାଫଳ ପାଇଁ ସେମାନଙ୍କ କଠିନ ପରିଶ୍ରମକୁ ପ୍ରଶଂସା କରିଥିଲେ। କ୍ରିଷ୍ଣା ବିକାଶ ଗୃପର ମ୍ୟାନେଜିଂ ଡାଇରେକ୍ଟର ବିବେକ ଦାଶରୀ କୃତୀ ଛାତ୍ରୀଛାତ୍ର ଏବଂ ଅଭିଭାବକମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ କ୍ରୀଷ୍ଣା ବିକାଶ ଗ୍ରୁପର ଇଣ୍ଟିଗ୍ରେଟେଡ୍ ପ୍ରୋଗ୍ରାମର ସଫଳତା ପାଇଁ ଖୁସି ବ୍ୟକ୍ତ କରିଥିଲେ । ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଆଡ୍‌ମିନିଷ୍ଟ୍ରେଟିଭ ଅଫିସର ଏସ. କାନ୍ତା ରାଓ କୃତୀ ଛାତ୍ରୀଛାତ୍ରଙ୍କ ନାମ ଘୋଷଣା କରିଥିଲେ। ବିକାଶ ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ ଉକ୍ତ ଶିକ୍ଷାନୁଷ୍ଠାନର ଗୁଣାତ୍ମକ ଶିକ୍ଷା ଉପରେ ବକ୍ତବ୍ୟ ରଖିଥିଲେ। ବିକାଶ ଆବାସିକ ବିଦ୍ୟାଳୟର ସିନିୟର ସେକେଣ୍ଡାରୀ ଅଧ୍ୟକ୍ଷ ଚିତ୍ତରଞ୍ଜନ ପତି ପ୍ରବେଶିକ ପରୀକ୍ଷାର ସଫଳତା ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମରେ ପାଷ୍ଟରାଲ କେୟାର ହେଡ୍ ନେଜଲିନ ଫୋନ୍‌ସକୋ ମଞ୍ଚାସୀନ ଥିବାବେଳେ ଅନ୍ୟ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ। ବିକାଶ ଆବାସିକ ବିଦ୍ୟାଳୟ ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଅର୍ଡାବାହାଲ ଯୁକ୍ତ ୨ ମହିଳା ବିଜ୍ଞାନ କଲେଜ ଛାତ୍ରୀଙ୍କ ସଫଳତା

କୁଚିଣ୍ଡା,୨୭।୫(ବିରଞ୍ଚି ଦର୍ଶ୍ୱା): ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ଅର୍ଡାବାହାଲରେ ଆଦିବାସୀ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ଯୁକ୍ତ ୨ ମହିଳା ବିଜ୍ଞାନ କଲେଜ ବୋର୍ଡ ପରୀକ୍ଷାରେ ଛାତ୍ରୀମାନେ ଶତପ୍ରତିଶତ ପାସ୍ କରି କଲେଜର ଗୌରବ ବୃଦ୍ଧି କରିଛନ୍ତି। ୨୦୨୩-୨୪ ଶିକ୍ଷାବର୍ଷରେ ହୋଇଥିବା ପରୀକ୍ଷାରେ ଅର୍ଡାବାହାଲ ମହିଳା ବିଜ୍ଞାନ କଲେଜରେ ସମସ୍ତ ୧୨୬ଜଣ ଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ପ୍ରଥମ ଶ୍ରେଣୀରେ ୨୫, ଦ୍ୱିତୀୟ ଶ୍ରେଣୀରେ ୭୧ ଓ ତୃତୀୟ ଶ୍ରେଣୀରେ ୩୦ଜଣ ଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ତନ୍ମଧ୍ୟରୁ ଟପ ଟେନରେ ଥିବା ଛାତ୍ରୀମାନେ ହେଲେ କବିତା ବାଘ, ଅଙ୍କିତା ଜୟପୁରିଆ,ନିର୍ମଳା ଖେସ,ଯୋଗେଶ୍ୱର ମହାନନ୍ଦ, ମମତାରାଣୀ ବାଘ, ଲିପିକା ଏକ୍କା, ଅଲିସା ସାହୁ, ଡିଲେଶ୍ୱରୀ କିଷାନ, ମନୀଷା ନାୟକ, ଏଲିନା କିଷାନ। ଏହି ସଫଳତା ପାଇଁ କଲେଜ ଅଧ୍ୟକ୍ଷ ରଞ୍ଜନ କୁମାର ନାୟକଙ୍କ ସମେତ ସମସ୍ତ ଅଧ୍ୟାପିକା ଓ ଅଧ୍ୟାପକଙ୍କୁ ଛାତ୍ରୀମାନେ କୃତଜ୍ଞତା ଜ୍ଞାପନ କରିଛନ୍ତି।

### ଉଲୁଣ୍ଡା, ଖୁଣ୍ଟୁଲାପାଲି ବିଜୟୀ କୋଟସମଲେଇ ପ୍ରିମିୟର ଲିଗ କ୍ରିକେଟ

ଅମରପାଲି,୨୭।୫(ପୀତାମ୍ବର ସାହୁ): ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କୋଟସମଲେଇ ଗ୍ରାମରେ ଚାଲିଥିବା ୧୪ ତମ କୋଟସମଲେଇ ପ୍ରିମିୟର ଲିଗ କ୍ରିକେଟର ସୋମବାର ଥିଲା ଦ୍ୱିତୀୟ ଦିବସ। ଦିବସରେ ଦୁଇଟି ମ୍ୟାଚ ଖେଳା ହୋଇଥିଲା। ପ୍ରଥମ ମ୍ୟାଚ ନାକଡେଇଁ ଓ ଉଲୁଣ୍ଡା ମଧ୍ୟରେ ଓ ଦ୍ୱିତୀୟ ମ୍ୟାଚ ବୈରାଗିପାଲି ଓ ଖୁଣ୍ଟୁଲାପାଲି ମଧ୍ୟରେ ହୋଇଥିଲା। ପ୍ରଥମ ମ୍ୟାଚରେ ଉଲୁଣ୍ଡା ଓ ଦ୍ୱିତୀୟ ମ୍ୟାଚରେ ଖୁଣ୍ଟୁଲାପାଲି ଦଳ ବିଜୟୀ ହୋଇଛି। ପ୍ରଥମ ମ୍ୟାଚରେ ଉଲୁଣ୍ଡା ଦଳ ଟସ୍ ଜିଣି ନାକଡେଇଁକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ନାକଡେଇଁ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୭ ଉଇକେଟ ହରାଇ ୯୫ ରନ କରିଥିଲା। ଜବାବରେ ଉଲୁଣ୍ଡା ଦଳ ୯ ଓଭରରେ ୪ ଉଇକେଟ ହରାଇ ୯୬ରନ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଖୁଣ୍ଟୁଲାପାଲି ଓ ବୈରାଗିପାଲି ମଧ୍ୟରେ ହୋଇଥିଲା। ବୈରାଗିପାଲି ଦଳ ୧୦ଓଭରରେ ୭ ଉଇକେଟ ହରାଇ ୪୮ରନ କରିଥିଲା। ଜବାବରେ ଖୁଣ୍ଟୁଲାପାଲି ଦଳ ଆବଶ୍ୟକ ରନକୁ ୩.୩ ଓଭରରେ ଗୋଟିଏ ଉଇକେଟ ହରାଇ ହାସଲ ବିଜୟୀ ହୋଇଥିଲା।

### ବିଦ୍ୟୁତ୍ କାଟ୍ ନେଇ ଉପଭୋକ୍ତାଙ୍କ ଧାରଣା

ଡୁଙ୍ଗୁରିପାଲି, ୨୭।୫(ଦୀନବନ୍ଧୁ ସୁନା): ବିଦ୍ୟୁତ୍ କାଟ୍ ସମସ୍ୟା ନେଇ ସୋମବାର ବହୁ ଉପଭୋକ୍ତା ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଚେରୁପାଲି ଗ୍ରୀଡ ଅଫିସରେ ଧାରଣା ଦେଇଥିଲେ। ପରେ ସେମାନେ ଗ୍ରୀଡ ସେକ୍ସନ ଅଧିକାରୀଙ୍କୁ ଦାବିପତ୍ର ଦେଇଥିଲେ। ଦାବିପତ୍ର ଗ୍ରହଣ କରି ସେକ୍ସନ ଅଧିକାରୀ ଧରମବୀର ସାହୁ ଏକଜିକ୍ୟୁଟିଭ ଇଞ୍ଜିନିୟରଙ୍କୁ ଅବଗତ କରିଥିଲେ। ଆସନ୍ତା ୨୯ତାରିଖରେ ଅଧିକାରୀମାନେ ସମସ୍ୟାର ସମାଧାନ କରିବେ ବୋଲି ସେକ୍ସନ ଅଧିକାରୀ ସାହୁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ପରେ ବିଦ୍ୟୁତ୍ ଧାରଣାରୁ ଓହରିଥିଲେ।

# ସାଇନବୋର୍ଡରେ ସୀମିତ ସତ୍ୟନାରାୟଣ ସ୍ମୃତି ଉଦ୍ୟାନ

ସମ୍ବଲପୁର,୨୭।୫ (ଭବାନୀ ଶଙ୍କର ଭୋଇ)



ବହୁମୁଖୀ ହଲ ନିର୍ମାଣ ପାଇଁ ଲାଗିଥିବା ସାଇନବୋର୍ଡ।

ଚଳିତ ନିର୍ବାଚନରେ ସାରା ରାଜ୍ୟରେ ଓଡ଼ିଆ ଅସ୍ମିତାକୁ ନେଇ ଚର୍ଚ୍ଚା ଧରିଥିବା ବେଳେ ସମ୍ବଲପୁରରେ ସମ୍ବଲପୁରୀ ଭାଷା, ସାହିତ୍ୟ ସଂସ୍କୃତିକୁ ନେଇ ଟଣାଓଟରା ଲାଗି ରହିଥିଲା। ବିଭିନ୍ନ ଦଳର ନେତାମାନେ ସମ୍ବଲପୁରୀ ଚର୍ଚ୍ଚା ଭିତରେ ସମ୍ବଲପୁରୀ ସଂସ୍କୃତିର ପ୍ରଚାରକ ଗୁରୁ ସତ୍ୟନାରାୟଣ ବହିଦାରଙ୍କୁ ମନେ ପକାଇଥିଲେ। ଗୁରୁ ବହିଦାରଙ୍କ ଜନ୍ମଦିନକୁ ରାଜ୍ୟ ତଥା ରାଜ୍ୟ ବାହାରେ ସମ୍ବଲପୁରୀ ଦିନ ଭାବରେ ମଧ୍ୟ ପାଳନ କରାଯାଇଥାଏ । ସେହି ସମୟରେ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି କେନ୍ଦ୍ରମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଶୁଭେଚ୍ଛା ବାର୍ତ୍ତା ଦେଇଥାନ୍ତି। ତଥାପି ସତ୍ୟନାରାୟଣ ବହିଦାରଙ୍କ କର୍ମକ୍ଷେତ୍ର ସମ୍ବଲପୁରରେ ଗୁରୁଙ୍କର ନାମରେ ନାମିତ ସ୍ମୃତି ଉଦ୍ୟାନ ଅବହେଳିତ ଅବସ୍ଥାରେ ରହିଛି।

ଗୁରୁ ସତ୍ୟନାରାୟଣଙ୍କ ସ୍ମୃତି ରକ୍ଷା ପାଇଁ ୨୦୧୭ମସିହାରେ ପଶ୍ଚିମାଞ୍ଚଳ ଏକତା ମଞ୍ଚର ଅନୁରୋଧକ୍ରମେ ତତ୍କାଳୀନ ଜିଲାପାଳ ସମର୍ଥ ବର୍ମାଙ୍କ ଉଦ୍ୟମରେ ସମ୍ବଲପୁର ଜେଲଛକ ନିକଟରେ ଏକ ସ୍ମୃତିଉଦ୍ୟାନ ନିର୍ମାଣ କରାଯାଇଥିଲା। ଉଦ୍ୟାନ ନିର୍ମାଣ ପାଇଁ ସେହି ସମୟରେ ୭୨ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା। ହେଲେ ରକ୍ଷଣାବେକ୍ଷଣ ଅଭାବରୁ ଉଦ୍ୟାନର ଅଧିକାଂଶ ଜିନିଷ ଚୋରି ହୋଇଯିବା ପରେ ଏହା ସମ୍ପୂର୍ଣ୍ଣ ଅବହେଳିତ ଅବସ୍ଥାରେ ପଡି ରହିଛି। ନିର୍ମାଣ ସମୟରେ ଉଦ୍ୟାନ ପରିସରରେ ଗୁରୁ ବହିଦାରଙ୍କ ପ୍ରତିମୂର୍ତ୍ତି ସ୍ଥାପନ, ସ୍ମୃତି ଭବନ, ସମ୍ବଲପୁରୀ ପାଠାଗାର, ସଂଗ୍ରହାଳୟ ସମେତ ସମ୍ବଲପୁରୀ ସମ୍ପର୍କିତ ବିଭିନ୍ନ ଜିନିଷର ପ୍ରଚାର ପ୍ରସାର ବ୍ୟବସ୍ଥା କରାଯିବ ବୋଲି କୁହାଯାଇଥିଲା। ତେବେ ସ୍ୱରେଜ ପ୍ରକଳ୍ପ କାମ ଆରମ୍ଭ ହେବା ସମୟରେ ଉଦ୍ୟାନ ପରିସରରେ ବଡବଡ ପାଇପ ଆଣି ଗଦା କରିବା ଦ୍ୱାରା ଉଦ୍ୟାନର ଅନେକ କ୍ଷୟକ୍ଷତି ହୋଇଥିଲା। ଏପରିକି ଉଦ୍ୟାନ ନଷ୍ଟ ହେବା ସହ ଲୋକଙ୍କ ଯିବା ଆସିବା ମଧ୍ୟ କମିଯାଇଥିଲା। ଏବେବି ଉଦ୍ୟାନ ସମ୍ମୁଖ ରାସ୍ତାରେ ସ୍ୱରେଜ ବିଭାଗ ମାଟି ବାଲି ଆଣି ଗଦା କରିବା ଯୋଗୁ ଏହାର ଆକର୍ଷଣ ନଷ୍ଟ ହେଉଛି। ଅନ୍ୟପକ୍ଷରେ ଆଠବର୍ଷ ପରେ ବି ଉଦ୍ୟାନ ପରିସରରେ ଲାଗିଥିବା ଷ୍ଟ୍ରିଟ ଲାଇଟଗୁଡିକରେ ବିଦ୍ୟୁତ୍ ସଂଯୋଗ ହୋଇପାରିନାହିଁ। ଉଦ୍ୟାନ ପରିସରରେ ପାଣିର କୌଣସି ବ୍ୟବସ୍ଥା ହୋଇପାରି ନାହିଁ। ଆଠବର୍ଷ ପୂର୍ବରୁ ଲଗାଯାଇଥିବା ବିଭିନ୍ନ ସୌଖୀନ ଗଛଗୁଡିକ ଖରାରେ ନଷ୍ଟ ହୋଇସାରିଛି। ତଥାବି ନିୟମିତ ଉଦ୍ୟାନ ପରିସରରେ ସମ୍ବଲପୁରୀ କବିତା ପାଠ, ଆଲୋଚନା କାର୍ଯ୍ୟକ୍ରମଗୁଡିକ ସାହିତ୍ୟ ପ୍ରେମୀ ମାନେ ଆୟୋଜନ କରିଆସୁଛନ୍ତି। ତେବେ ଧୀରେ ଧୀରେ ଗୁରୁ ସତ୍ୟନାରାୟଣ ସ୍ମୃତି ଉଦ୍ୟାନର ଆକର୍ଷଣ ସମାପ୍ତ ହେବାକୁ ବସିଛି। ବହୁ ସମ୍ବଲପୁରୀ ପ୍ରେମୀ ଏହାକୁ ନେଇ ସାମାଜିକ ଗଣମାଧ୍ୟମ ଜରିଆରେ ପ୍ରତିବାଦ କରିବା ସହ ଏହାର ଉନ୍ନତି ପାଇଁ ନିବେଦନ କରି ଆସୁଛନ୍ତି । ଏପରିକି ବିଭିନ୍ନ ସମ୍ବଲପୁରୀ ସଙ୍ଗଠନମାନେ ନିର୍ବାଚନ ସମୟରେ ମଧ୍ୟ ନେତାମାନଙ୍କୁ ଭେଟି ଏହାର ବିକାଶ ସହ ଗୁରୁ ବହିଦାରଙ୍କ ସ୍ମୃତିରକ୍ଷା ପାଇଁ ସହଯୋଗ କରିବାକୁ ନିବେଦନ କରିଛନ୍ତି। ସମ୍ବଲପୁର ମହାନଗର ନିର୍ବାହୀ ଯନ୍ତ୍ରୀ ଦିବ୍ୟରଞ୍ଜନ ତ୍ରିପାଠୀ କହିଛନ୍ତି, ଗୁରୁ ସତ୍ୟନାରାୟଣ ସ୍ମୃତି ଉଦ୍ୟାନ ପରିସରରେ ପ୍ରାୟ ୩କୋଟି ଟଙ୍କା ବ୍ୟୟରେ ୫୦୦ ସିଟ ବିଶିଷ୍ଟ ବହୁମୁଖୀ ହଲର ନିର୍ମାଣ କରିବା ପାଇଁ ଟେଣ୍ଡର ସରିଛି। ନିର୍ବାଚନ ଆଚରଣ ବିଧି ହଟିବା ପରେ ନିର୍ମାଣ କାମ ଆରମ୍ଭ ହେବ। ତାସହ ଉଦ୍ୟାନର ବିକାଶ ପାଇଁ ମଧ୍ୟ ଅନେକ ଯୋଜନା ରହିଛି। ତେବେ ନିର୍ବାଚନ ଆଚରଣ ବିଧି ଯୋଗୁ ଆମେ ଅନ୍ୟ ପ୍ରକଳ୍ପଗୁଡିକର ଟେଣ୍ଡର ଆଦି କରି ପାରୁନାହୁଁ । ଆଉ କିଛି ଦିନ ପରେ ଅନେକ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇ ଉଦ୍ୟାନକୁ ଲୋକଙ୍କ ଆକର୍ଷଣର କେନ୍ଦ୍ର ଭାବେ ବିକଶିତ କରାଯିବ। ତେବେ ଅଞ୍ଚଳରେ ସାଧାରଣ ନିର୍ବାଚନ ପାଇଁ ମତଦାନ ସରିବା ପରେ ଗୁରୁ ସତ୍ୟନାରାୟଣଙ୍କ ସ୍ମୃତିରକ୍ଷା ପାଇଁ କିଭଳି ବ୍ୟବସ୍ଥା କରାଯାଉଛି ତାକୁ ନେଇ ସମ୍ବଲପୁରୀ ପ୍ରେମୀ ଚର୍ଚ୍ଚା କରୁଛନ୍ତି ।

### ଆଜି ପୋଷ୍ଟାଲ ବାଲଟକୁ ଜିଲା କୋଷାଗାରର ଷ୍ଟ୍ରଙ୍ଗରୁମରେ ରଖାଯିବ

ସମ୍ବଲପୁର,୨୭।୫(ପ୍ରମୋଦ ବହିଦାର)

ସମ୍ବଲପୁର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ସମସ୍ତ ବିଧାନସଭା ନିର୍ବାଚନମଣ୍ଡଳୀରୁ ଗ୍ରହଣ କରାଯାଇଥିବା ପୋଷ୍ଟାଲ୍ ବାଲଟଗୁଡ଼ିକୁ ଜିଲା କୋଷାଗାରସ୍ଥ ଷ୍ଟ୍ରଙ୍ଗରୁମ୍‌ରେ ରଖିବାକୁ ନିଷ୍ପତ୍ତି ହୋଇଛି। ଏଥିରେ ସମ୍ବଲପୁର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ଜିଲାର ସମ୍ବଲପୁର ସହିତ ରେଙ୍ଗାଲି, କୁଚିଣ୍ଡା ଓ ରେଢ଼ାଖୋଲ ବିଧାନସଭା କ୍ଷେତ୍ରର ୮୫ ବର୍ଷ ବୟସରୁ ଊର୍ଦ୍ଧ୍ୱ ନାଗରିକ, ପୋଲିସ କର୍ମଚାରୀ, ଭିନ୍ନକ୍ଷମ ଓ ନିର୍ବାଚନୀ କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କ ମତଦାନଭିତ୍ତିକ ପ୍ରାୟ ୫୪୭୪ଟି ବନ୍ଦ ଲଫାପା ରହିଛି। ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ପୋଷ୍ଟାଲ ବ୍ୟାଲଟ ଗୁଡ଼ିକୁ ନୋଡାଲ ଅଧିକାରୀ ଅନିତା ପଟ୍ଟନାୟକ, ଡଳିରାଣୀ ପ୍ରଧାନ ତଥା ଅନ୍ୟ ଅଧିକାରୀଙ୍କ ସହ ବିଭିନ୍ନ ରାଜନୈତିକ ଦଳର ପ୍ରାର୍ଥୀ ଓ ସେମାନଙ୍କ ପ୍ରତିନିଧିଙ୍କ ଉପସ୍ଥିତରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଜିଲା କୋଷାଗାରର ଷ୍ଟ୍ରଙ୍ଗରୁମରେ ରଖାଯିବ। ତେଣୁ ସମ୍ବଲପୁର ସମସ୍ତ ଏମ୍‌ପି ପ୍ରାର୍ଥୀଙ୍କୁ ଏହି ସମୟରେ ଉପସ୍ଥିତ ରହିବାକୁ ଜିଲା ରିଟର୍ନିଂ ଅଧିକାରୀଙ୍କ ପକ୍ଷରୁ ନିବେଦନ କରାଯାଇଛି।

# ବିଜେଡି ଉପରେ ଲୋକେ ଭରସା କରୁନାହାନ୍ତି: ଭାଜପା

ଭୁବନେଶ୍ୱର, ୨୭।୫(ବ୍ୟୁରୋ)

ଓଡ଼ିଶାରେ ୩ଟି ପର୍ଯ୍ୟାୟ ନିର୍ବାଚନ ସରିଛି। ଇତିମଧ୍ୟରେ ମିଳିଥିବା ଜନମତ ଅନୁଯାୟୀ ଏଥର ଓଡ଼ିଶାରେ ଭାଜପା ସରକାର ଗଠନ କରିବାକୁ ଯାଉଛି। ଭାଜପା ପ୍ରତି ଲୋକଙ୍କ ଆସ୍ଥା ଓ ବିଶ୍ୱାସ ଦିନକୁ ଦିନ ବଢ଼ିଚାଲିଛି। ଅପରପକ୍ଷେ ଦୁର୍ନୀତିଗ୍ରସ୍ତ ବିଜେଡି ଉପରେ ଲୋକେ ଆଉ ଭରସା କରୁନାହାନ୍ତି। ରାଜ୍ୟରେ ଭାଜପାର ସରକାର ପ୍ରତିଷ୍ଠା ହେଲେ ପାନ, ଧାନ, ମୀନ ଓ ପ୍ରାଣୀପାଳନ ଭଳି ବିଭିନ୍ନ ଚାଷୀଙ୍କ ସାମଗ୍ରିକ ବିକାଶ ପାଇଁ ଯେଉଁସବୁ ସଂକଳ୍ପ କରାଯାଇଛି, ତାହାକୁ ପୂରଣ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ରାଜ୍ୟ ମୁଖପାତ୍ର ପ୍ରଦୀପ ପୁରୋହିତ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପ୍ରଦୀପ କହିଛନ୍ତି, ନବୀନ ପଟ୍ଟନାୟକ ଦୀର୍ଘ ୨୫ ବର୍ଷ ହେବ ଓଡ଼ିଶାରେ ଚାଷୀଙ୍କ ସହ ବିଶ୍ୱାସଘାତ କରିଛନ୍ତି। ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ଚାଷୀଙ୍କ ଆୟ ସାରା ଭାରତରେ ତଳଆଡୁ ୨ୟ ସ୍ଥାନରେ ରହିଛି। ୨୦୧୯ରେ କାଳିଆ ଯୋଜନା ଆଣି ଚାଷୀଙ୍କୁ ଭଣ୍ଡାଇଥିଲେ। ଏହି ଯୋଜନାରେ ପ୍ରତି ଚାଷୀଙ୍କୁ ୧୦ ହଜାର ଟଙ୍କା ଲେଖାଏ ଦେବାକୁ ସେତେବେଳେ ବିଜେଡି ସରକାର ଘୋଷଣା କରିଥିଲେ। ମାତ୍ର ନିର୍ବାଚନ ଜିତିବା ପରେ ସବୁ ଭୁଲିଗଲେ। ସୋହେଲା ସମାବେଶରେ ଧାନ କୁଇଣ୍ଟାଲ ପିଛା ୧୦୦ ଟଙ୍କା ବୋନସ ଚାଷୀଙ୍କୁ ଦେବାକୁ ନବୀନବାବୁ ଘୋଷଣା କରିଥିଲେ, କିନ୍ତୁ ଏଯାଏ ଦେଇନାହାନ୍ତି। ସେହିପରି ୨୦୨୪ର ଘୋଷଣା ମଧ୍ୟ କେବଳ ଚାଷୀଙ୍କୁ ନିର୍ବାଚନ ଥୋପ ଦେଇ ସେମାନଙ୍କୁ ଠକିବାକୁ ପ୍ରୟାସ କରାଯାଉଛି। ରାଜ୍ୟରେ ଯେତିକି ଶୀତଳଭଣ୍ଡାର କରିବାକୁ ପ୍ରତିଶ୍ରୁତି ଦେଇଥିଲେ ତାହା ମଧ୍ୟ ନ କରି ଯେତିକି ଥିଲା ସେସବୁ ମଧ୍ୟ ବନ୍ଦ ହୋଇଗଲାଣି। ଅପରପକ୍ଷେ ଭାଜପା ସରକାର ହେଲେ ସମସ୍ତ ଚାଷୀଙ୍କ ସାମଗ୍ରିକ ବିକାଶ ପାଇଁ ସଂକଳ୍ପବଦ୍ଧ। ସଂକଳ୍ପ ପତ୍ରରେ ଯେଉଁ ଘୋଷଣା କରାଯାଇଛି ସେହି ପ୍ରତିଶ୍ରୁତିଗୁଡ଼ିକ କିଭଳି ପୂରଣ ହେବ ସେନେଇ ବ୍ୟାପକ ପଦକ୍ଷେପ ନିଆଯିବ। ସେହିପରି ଭାଜପା ସରକାର ହେଲେ ୫ ବର୍ଷରେ ଚାଷୀଙ୍କ ଆୟ କିପରି ଦୁଇ ଗୁଣିତ ହେବ ସେନେଇ ବିଭିନ୍ନ ପଦକ୍ଷେପ ନିଆଯିବ। ସେମାନଙ୍କ ପାଇଁ ରାଜକୋଷରେ ସ୍ୱତନ୍ତ୍ର ପାଣ୍ଠି ଗଠନ କରାଯିବ। ଧାନ କୁଇଣ୍ଟାଲ ପିଛା କ୍ରୟ ମୂଲ୍ୟ ୩୧୦୦ ଟଙ୍କା ଧାର୍ଯ୍ୟ କରାଯିବ। ଡିବିଟି ଜରିଆରେ ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କୁ ଅର୍ଥ ହସ୍ତାନ୍ତର କରାଯିବ। ଏବେର କଟ୍‌ନିଛଟ୍‌ନି ବ୍ୟବସ୍ଥାରେ ଚାଲିଥିବା ଲୁଟ୍ ପ୍ରକ୍ରିୟାକୁ ଶେଷ କରି ଦିଆଯିବ। ଏହି ବ୍ୟବସ୍ଥାରେ ବିଜେଡି ଦ୍ୱାରା ୫୦୦ କୋଟି ଟଙ୍କାର ଲୁଟ୍ ହୋଇଛି। ମାତ୍ର ଭାଜପା ସରକାରରେ ସମସ୍ତ ମଣ୍ଡିରେ ଇଲେକ୍ଟ୍ରୋନିକ ଓଜନ ଯନ୍ତ୍ର ମାଧ୍ୟମରେ ଧାନ କିଣାଯିବ। ବେଆଇନ ଭାବେ ଗୋ ହତ୍ୟା ଏବଂ ଗୋମାଂସ ବ୍ୟବସାୟ ବନ୍ଦ କରିବା ପାଇଁ ଆଇନ ଆସିବ ବୋଲି ପୁରୋହିତ କହିଛନ୍ତି।

# ଦାରିଦ୍ର୍ୟ ଲକ୍ଷ୍ୟ ହାସଲରେ ବାଧା ସୃଷ୍ଟି କରିପାରିବନି


ଲକ୍ଷ୍ମୀପ୍ରିୟା ରାଉତଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି।

ସମ୍ବଲପୁର,୨୭।୫ (ଭବାନୀ ଶଙ୍କର ଭୋଇ)

**ଲେଡିଲୁଇସ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଲକ୍ଷ୍ମୀପ୍ରିୟା ସମ୍ବର୍ଦ୍ଧିତ**

ଚଳିତ ବର୍ଷ ହାଇସ୍କୁଲ ବୋର୍ଡ ପରୀକ୍ଷାରେ ୯୧.୧୮ ମାର୍କ ରଖି ବିଦ୍ୟାଳୟ ପାଇଁ ଗୌରବ ଆଣି ଥିବା ସ୍ଥାନୀୟ ଲେଡିଲୁଇସ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଲକ୍ଷ୍ମୀପ୍ରିୟା ରାଉତଙ୍କୁ ସୋମବାର ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ତାଙ୍କର ବାପା କେଦାର ରାଉତ ଜଣେ ବାଇକ ମେକାନିକ ହୋଇଥିବା ବେଳେ ମା' ସଙ୍ଗୀତା ରାଉତ ଜଣେ ଗୃହିଣୀ। ଅନେକ ବାଧାବିଘ୍ନ ସତ୍ତ୍ୱେ ଲକ୍ଷ୍ମୀପ୍ରିୟା ନିଜର ଅଧ୍ୟବସାୟ ବଳରେ ଏହି ସଫଳତା ପାଇଛନ୍ତି। ବିଦ୍ୟାଳୟରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ନିଜର ଅନୁଭୂତିକୁ ବଖାଣିବା ଅବସରରେ ପ୍ରଧାନଶିକ୍ଷକ ସୁଜିତ କୁମାର ଲୁହାଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀ ଏବଂ ଶିକ୍ଷକମାନଙ୍କ ସହଯୋଗ ପାଇଁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ପ୍ରଧାନଶିକ୍ଷକ ଲୁହା କହିଥିଲେ ଯେ, ବିଦ୍ୟାଳୟରେ ମାଟ୍ରିକ ଛାତ୍ରୀଙ୍କ ପାଇଁ ଟାକ୍ସଫୋର୍ସ ଗଠନ କରାଯାଇଥିଲା। ଏଥିରେ ଶିକ୍ଷୟିତ୍ରୀ ଏବଂ ଶିକ୍ଷକମାନେ ଛାତ୍ରୀଙ୍କ ପାଠପଢା ପାଇଁ ପ୍ରୟାସ କରିଥିଲେ। ଶିକ୍ଷୟତ୍ରୀଶିକ୍ଷକମାନେ ଛାତ୍ରୀମାନଙ୍କ ସ୍ୱତନ୍ତ୍ର କ୍ଲାସ, ଅଭିଭାବକମାନଙ୍କୁ କାଉନସେଲିଂ, ସେମାନଙ୍କ ଘରକୁ ଯାଇ ତଦାରଖ ଆଦି କରାଯାଇଥିଲା। ଲକ୍ଷ୍ୟ ପୂରଣ ଦିଗରେ ଚେଷ୍ଟିତ ରହିଲେ ଦାରିଦ୍ର୍ୟ କେବେବି ଲକ୍ଷ୍ୟ ହାସଲ କରିବାରେ ବାଧା ସୃଷ୍ଟି ହେବନାହିଁ ବୋଲି ପ୍ରଧାନଶିକ୍ଷକ କହିଛନ୍ତି।

# କଳାରେ ଅଲିଭା, ବିଜ୍ଞାନରେ ସମୀକ୍ଷା, ବାଣିଜ୍ୟରେ ସୋନାଲି ଟପ୍ପର

ସମ୍ବଲପୁର,୨୭।୫(ପ୍ରମୋଦ ବହିଦାର)

**ସରକାରୀ ମହିଳା ମହାବିଦ୍ୟାଳୟରେ ଯୁକ୍ତ-୨ ପରୀକ୍ଷା ଫଳ**



ସରକାରୀ ମହିଳା କଲେଜର ବିଜ୍ଞାନ ଟପ୍ପର ସୁଶ୍ରୀ ସମୀକ୍ଷା ପ୍ରଧାନ ଓ ବାଣିଜ୍ୟ ଟପ୍ପର ସୋନାଲି ଗର୍ଡିଆ।

ଚଳିତ ବର୍ଷ ଯୁକ୍ତ ୨ ପରୀକ୍ଷା ଫଳ ରବିବାର ପ୍ରକାଶ ପାଇଛି। ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟରେ କଳା, ବାଣିଜ୍ୟ ଓ ବିଜ୍ଞାନ ବିଭାଗରେ ମୋଟ ୪୪୭ଜଣ ଛାତ୍ରୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୮୬.୧୨ ପ୍ରତିଶତ ହାରରେ ୩୮୫ ଜଣ ପାସ୍ କରିଛନ୍ତି। କଳାରେ ମୋଟ ୨୧୧ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବାବେଳେ ୨୦୬ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୦୯ ଜଣ ପ୍ରଥମ ଶ୍ରେଣୀରେ, ୩୬ ଜଣ ଦ୍ୱିତୀୟ ଓ ୬୧ ଜଣ ତୃତୀୟ ଶ୍ରେଣୀରେ କୃତକାର୍ଯ୍ୟ ହୋଇଛନ୍ତି। କଳାରେ ଅଲିଭା ବେହେରା ୮୭.୧୬ ପ୍ରତିଶତ ହାରରେ ମୋଟ ୫୨୩ ନମ୍ବର ରଖି ମହାବିଦ୍ୟାଳୟ ଟପ୍ପର ହୋଇଛନ୍ତି। ଜ୍ୟୋତି ସାହୁ ୮୬.୮୩ ହାରରେ ୫୨୧ ନମ୍ବର ରଖି ଦ୍ୱିତୀୟ ଓ ଅନ୍ତରା ବାରିକ ୮୬.୩୩ ପ୍ରତିଶତ ହାରରେ ୫୧୮ ନମ୍ବର ରଖି ମହାବିଦ୍ୟାଳୟରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବିଜ୍ଞନରେ ମୋଟ ୧୭୫ ଜଣ ପରୀକ୍ଷା ଦେଇ ୭୩.୪୭ ପ୍ରତିଶତ ହାରରେ ୧୨୮ ଜଣ ପାସ୍ କରିଛନ୍ତି। ସେମାନଙ୍କ ମଧ୍ୟରୁ ୪୭ ଜଣ ପ୍ରଥମ ଶ୍ରେଣୀ, ୫୫ ଜଣ ଦ୍ୱିତୀୟ ଓ ୧୬ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ବିଜ୍ଞାନରେ ୯୧.୩୩ ପ୍ରତିଶତ ହାରରେ ସର୍ବମୋଟ ୫୪୮ ନମ୍ବର ରଖି ଶ୍ରୁଶ୍ରୀ ସମୀକ୍ଷା ପ୍ରଧାନ ମହାବିଦ୍ୟାଳୟରେ ପ୍ରଥମ ସ୍ଥାନ, ୮୭.୫୦ ପ୍ରତିଶତ ହାରରେ ୫୨୫ ନମ୍ବର ରଖି ସୋନାଲି ସାଲିମା ଦ୍ୱିତୀୟ ଓ ୮୦.୫୦ ପ୍ରତିଶତ ହାରରେ ୪୮୩ ନମ୍ବର ରଖି ନିଖାତୁନ ନିଶା ମହାବିଦ୍ୟାଳୟରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବାଣିଜ୍ୟରେ ୬୧ ଜଣ ପରୀକ୍ଷା ଦେଇ ୮୩.୬୦ ପ୍ରତିଶତ ହାରରେ ୫୧ ଜଣ ପାସ୍ କରିଛନ୍ତି। ସେମାନଙ୍କ ମଧ୍ୟରୁ ୩୩ ଜଣ ପ୍ରଥମ, ୮ ଜଣ ଦ୍ୱିତୀୟ ଓ ୧୦ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସୋନାଲି ଗର୍ଡିଆ ୯୦.୫୦ ପ୍ରତିଶତ ହାରରେ ୫୪୩ ନମ୍ବର ରଖି ପ୍ରଥମ ସ୍ଥାନ, ଅନାମ ଅଜମିନ ୮୩.୩୭ ପ୍ରତିଶତ ହାରରେ ୫୦୦ ନମ୍ବର ରଖି ଦ୍ୱିତୀୟ ଓ ଜୈନବ ପରବିନ ୮୨.୬୦ ପ୍ରତିଶତ ହାରରେ ମୋଟ ୪୯୬ ମାର୍କ ସହ ତୃତୀୟ ସ୍ଥାନରେ ରହିଛନ୍ତି।

### ଶୀତଳଷଷ୍ଠୀ ଯାତ୍ରା ପାଇଁ ଥାଳଉଠା କାର୍ଯ୍ୟକ୍ରମ

ସମ୍ବଲପୁର,୨୭।୫ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଭୁତାପଡା ଭୂତନାଥ ବାବାଙ୍କ ଶୀତଳଷଷ୍ଠୀ ଯାତ୍ରା ପାଇଁ ସୋମବାର ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଭୁତାପଡା ଶୀତଳଷଷ୍ଠୀ ଯାତ୍ରା କମିଟି ବୈଠକରେ ଗତବର୍ଷର ଆୟବ୍ୟୟ ସମୀକ୍ଷା କରାଯିବା ସହ ଚଳିତବର୍ଷ ଯାତ୍ରାକୁ କିପରି ଭବ୍ୟ ଓ ଆକର୍ଷଣୀୟ କରାଯିବ ସେ ନେଇ ଆଲୋଚନା କରାଯାଇଥିଲା। ଚଳିତବର୍ଷ ଯାତ୍ରା ପାଇଁ ପାର୍ବତୀଙ୍କ ମାତା ପିତା ଭାବେ ରାଖୀ ମୁଣ୍ଡା ଏବଂ ସୁମିତ ମୁଣ୍ଡା ଓ ବର ମାତାପିତାଭାବେ ପ୍ରେମଶିଳା ଭୋଇ ଏବଂ ମହେନ୍ଦ୍ର ଭୋଇ ଦାୟିତ୍ୱ ତୁଲାଇବେ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। କନ୍ୟା ମାତାପିତାଙ୍କ ଉପସ୍ଥିତିରେ ମନ୍ଦିର ପରିସରରେ ଥାଳଉଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ନରେନ୍ଦ୍ର ରାୟଗୁରୁ, ସଞ୍ଜୟ ସାହୁ, ରାଜୀବ ଶତପଥୀ, ମୁରାରୀ ମୋହନ ଶତପଥୀ, ସୁବୋଧ କୁମାର ଦାଶ ପ୍ରୀୟବ୍ରତ ବାବୁ, ମୁରଲି ପାତ୍ର, ମହେଶ୍ୱର ପଣ୍ଡା,ଜୟକୁମାର ଭୋଇ, ବିଜୟ କୁମାର ଭୋଇ, ଜୟଗୋପାଳ ସୁଆର ପ୍ରମୁଖ ଉପସ୍ଥିତ ଥିଲେ ।

### ବିଷ ପିଇ ବୃଦ୍ଧଙ୍କ ଆତ୍ମହତ୍ୟା, କାରଣ ଅସ୍ପଷ୍ଟ

ପଦ୍ମପୁର,୨୭।୫(ପ୍ରଦୀପ୍ତ ଦାଶ)

ପଦ୍ମପୁର ନିକଟସ୍ଥ ସରକଟପାଲରେ ପୁରନ୍ଦର ପଟେଲ ନାମକ ଜଣେ ୬୫ବର୍ଷର ବୃଦ୍ଧ ବିଷ ପିଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ରାତିରେ ବିଷ ପାନ କରିଥିବା ଜାଣି ଘରେ ଥିବା ଅନ୍ୟମାନେ ପ୍ରଥମେ ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ଅବସ୍ଥା ଗୁରୁତର ଥିବାରୁ ବରଗଡ଼ ଓ ପରେ ବୁର୍ଲାକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ସେଠାରେ ମୃତ୍ୟୁ ଘଟିଛି। ପାରିପାର୍ଶ୍ୱିକ ସ୍ଥିତିରୁ ଘରୋଇ କଳିରୁ ଏପରି ପଦକ୍ଷେପ ନେଇଥିବା ସନ୍ଦେହ କରାଯାଇଛି।

# ଭାଜପା କ୍ଷମତାରେ ଥିବାଯାଏ ଧର୍ମଭିତ୍ତିରେ ସଂରକ୍ଷଣ ଦିଆଯିବନି: ନଡ୍ଡା

ବାରାଣସୀ,୨୭।୫(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ତାଙ୍କ ଦଳ ଯେପର୍ଯ୍ୟନ୍ତ କ୍ଷମତାରେ ରହିଛନ୍ତି, ସେ ପର୍ଯ୍ୟନ୍ତ ଧର୍ମ ଆଧାରରେ ସଂରକ୍ଷଣକୁ ଅନୁମତି ଦିଆଯିବ ନାହିଁ। ଉତ୍ତରପ୍ରଦେଶର ବାରାଣସୀକୁ ନିର୍ବାଚନ ପ୍ରଚାରରେ ଆସିଥିବା ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ସୋମବାର ଏହା କହିଛନ୍ତି। ବିରୋଧୀମାନେ ଧର୍ମ ଆଧାରରେ ସଂରକ୍ଷଣ ଦେବାକୁ ଯୋଜନା କରୁଛନ୍ତି। ତେବେ ଧର୍ମ ଭିତ୍ତିରେ ସଂରକ୍ଷଣ ଦିଆଯାଇପାରିବ ନାହିଁ ବୋଲି ସମ୍ବିଧାନରେ ସ୍ପଷ୍ଟ ଉଲ୍ଲେଖ ଥିବା ନଡ୍ଡା କହିଛନ୍ତି। ଦଳିତ, ଆଦିବାସୀ, ପଛୁଆ ବର୍ଗ ଏବଂ ଅତ୍ୟନ୍ତ ପଛୁଆ ବର୍ଗଙ୍କ ପାଇଁ ରହିଥିବା ସଂରକ୍ଷଣରେ ଅନ୍ୟ କାହାକୁ ଦଖଲ ଦେବାକୁ ଦିଆଯିବ ନାହିଁ। ଜୁନ୍ ୪ରେ ବିରୋଧୀ ଦଳଙ୍କର କ'ଣ ହେଉଛି, ତାହା ଆପଣମାନେ ଦେଖିବେ ବୋଲି ଭାଜପା ଅଧ୍ୟକ୍ଷ ଖବରଦାତାମାନଙ୍କୁ କହିଛନ୍ତି।

ବାରାଣସୀରେ ବୁଦ୍ଧିଜୀବୀ ମାନଙ୍କର ଏକ ବୈଠକରେ ନଡ୍ଡା କହିଥିଲେ, ଦୀର୍ଘଦିନ ଯାଏ ରାଜନୀତି କହିଲେ 'ବିଭାଜନ ଓ ଶାସନ'କୁ ବୁଝାଉଥିଲା। କିନ୍ତୁ ବର୍ତ୍ତମାନ ତାହା 'ବିକାଶର ରାଜନୀତି'ରେ ପରିଣତ ହୋଇଛି। ୧୦ ବର୍ଷ ପୂର୍ବେ ରାଜନୈତିକ ସ୍ଥିତି କ'ଣ ଥିଲା ତାହା ଆପଣମାନେ ଦେଖିଛନ୍ତି। ଭାରତ ଦୁର୍ନୀତିଗ୍ରସ୍ତ ଦେଶଗୁଡ଼ିକ ମଧ୍ୟରେ ଗଣାହେଉଥିଲା। ସାଧାରଣ ଜନତାଙ୍କର ରାଜନୀତି ପ୍ରତି ଆଗ୍ରହ ନ ଥିଲା ଓ ସେମାନଙ୍କ ବିଶ୍ୱାସ ଭାଙ୍ଗିଯାଇଥିଲା, ଯାହା ସବୁଠୁ ବଡ଼ ସମସ୍ୟା ଥିଲା। ଏହା ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି କରିଥିଲା ବୋଲି ଭାଜପା ନେତା କହିଛନ୍ତି। ତେବେ ଗତ ୧୦ ବର୍ଷରେ ପ୍ରଧାନମନ୍ତ୍ରୀ ମୋଦି ଦେଶର ବିକାଶକୁ ନେଇ ସାଧାରଣ ଜନତାଙ୍କ ମଧ୍ୟରେ ଏକ ବିଶ୍ୱାସ ସୃଷ୍ଟି କରିଛନ୍ତି। ପୂର୍ବରୁ ବିରୋଧୀ ଦଳ ଜାତିବାଦର ପ୍ରସାର କରିବା ସହ ଧର୍ମ ଧର୍ମ ମଧ୍ୟରେ ବିଭାଜନ ସୃଷ୍ଟି କରି ରଖିଥିଲେ। ମୋଦି ଏହି ସଂସ୍କୃତିକୁ ବଦଳାଇ ଦେଇଛନ୍ତି। ଏବେ 'ସବ୍‌କା ସାଥ୍, ସବ୍‌କା ପ୍ରୟାସ ଔର ସବ୍‌କା ବିକାଶ' ମନ୍ତ୍ରରେ ବିକାଶର ରାଜନୀତି ଚାଲିଛି। ଏଥର ନିର୍ବାଚନରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ୪୦୦ ପାର୍ କରିବ ଏବଂ ମୋଦି ତୃତୀୟ ଥର ପ୍ରଧାନମନ୍ତ୍ରୀ ହେବେ ବୋଲି ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ କହିଛନ୍ତି।

# ମାଟ୍ରିକ୍ ପରୀକ୍ଷାରେ ଉତ୍କର୍ଷତା ପାଇଁ ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ

ସମ୍ବଲପୁର,୨୭।୫(ପ୍ରମୋଦ ବହିଦାର)


ମାଟ୍ରିକ ପରୀକ୍ଷାରେ ଜିଲା ଟପ୍ପରଙ୍କ ସହିତ ଜିଲା ଶିକ୍ଷାଧିକାରୀ, ଶିକ୍ଷୟିତ୍ରୀଶିକ୍ଷକ ଓ ଅଭିଭାବକମାନେ।

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ସମ୍ବର୍ଦ୍ଧିତ ହୋଇଛନ୍ତି ଜିଲାର ୧୪ ଜଣ ଏ-୧ ଗ୍ରେଡ ପାଇଥିବା ଛାତ୍ରୀଛାତ୍ର। ସୋମବାର ସେମାନେ ଜିଲା ଶିକ୍ଷାଧିକାରୀ ମୀନାରାଣୀ ମଙ୍ଗଳଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ୍ କରିଥିଲେ। ଏହି ଅବସରରେ ଶିକ୍ଷାଧିକାରୀ ମଙ୍ଗଳ ସେମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରି ସମ୍ବର୍ଦ୍ଧିତ କରିଥିଲେ। ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ବିଶେଷ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିଥିଲେ। ଏହି ଅବସରରେ ଜିଲାରେ ଟପ୍ପର ହୋଇଥିବା ସୁମା ଖାତୁନ ଓ ତାଙ୍କ ମାତା ଅୟାସ ବିବି, ପିତା ମିରାଜୁଲ ହକଙ୍କୁ ମଧ୍ୟ ଅଭିନନ୍ଦନ ଜଣାଇଥିଲେ। ଏଥିସହ ସୁମା ପଢୁଥିବା ବାଲିବନ୍ଧା ଉଚ୍ଚ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶିନି ବାଡ଼ା ଓ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କ ଏହି ସଫଳତା ପାଇଁ ଜିଲାର ସମସ୍ତ ପ୍ରଧାନ ଶିକ୍ଷୟିତ୍ରୀଶିକ୍ଷକ, ବିଷୟଗତ ଶିକ୍ଷୟତ୍ରୀ, ଶିକ୍ଷକ, ଅଭିଭାବକ ଓ କୃତକାର୍ଯ୍ୟ ହୋଇଥିବା ସମସ୍ତ ପରୀକ୍ଷାର୍ଥୀଙ୍କୁ ଏହି ଅବସରରେ ଶୁଭେଚ୍ଛା ଜଣାଇଥିଲେ ଜିଲା ଶିକ୍ଷାଧିକାରୀ ମଙ୍ଗଳ।

ଚଳିତବର୍ଷ ସମ୍ବଲପୁର ଜିଲାର ୨୧୦ଟି ବିଦ୍ୟାଳୟରୁ ମୋଟ ୧୧,୯୯୫ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ୯୬.୭୩ ପ୍ରତିଶତ ହାରରେ ୧୧,୬୭୯ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୪ ଜଣ 'ଏ-୧ ଗ୍ରେଡ, ୧୭୪ ଜଣ ଏ-୨, ୬୮୯ ଜଣ ବି-୧, ୧୮୯୩ ଜଣ 'ବି-୨', ୩୫୩୧ ଜଣ 'ସି', ୩୩୪୪ ଜଣ 'ଡି' ଓ ୨୦୩୪ ଜଣ 'ଇ' ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ତେବେ ଜିଲାର ୨୧୦ଟି ବିଦ୍ୟାଳୟ ମଧ୍ୟରୁ ୧୧୭ ବିଦ୍ୟାଳୟରେ ପରୀକ୍ଷା ଫଳ ଶତ ପ୍ରତିଶତ ହୋଇଛି।

